
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୮ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 December 2024

Vol.No. 35 ■ No.336 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜେପିସିକୁ ଗଲା 'ଏକ ଦେଶ, ଏକ ନିର୍ବାଚନ' ବିଲ୍



ନୂଆଦିଲ୍ଲୀ, ୧୭/୧୨ : ବିରୋଧୀଙ୍କ ପ୍ରବଳ ବିରୋଧ ମଧ୍ୟରେ ଲୋକସଭାରେ ଆଗତ ହୋଇଛି ୱାନ୍ ନେସନ୍, ୱାନ୍ ଇଲେକ୍ସନ୍ ବିଲ୍ । ସଂସଦରେ ପ୍ରଥମ ଥର ପାଇଁ ଇ-ଭୋଟିଂ ହୋଇ, ସଂଖ୍ୟାଗରିଷ୍ଠ ସମର୍ଥନ ଆଧାରରେ ଏହାକୁ ଆଗତ କରାଯାଇଛି ଏବଂ ବିସ୍ତୃତ ଆଲୋଚନା ପାଇଁ ପଠାଯାଇଛି ଯୁଗ୍ମ ସଂସଦୀୟ କମିଟି-ଔଚଉକୁ । ସାରା ଦେଶରେ ଏକକାଳୀନ ନିର୍ବାଚନ ହେଲେ ପ୍ରଶାସନିକ କାର୍ଯ୍ୟକାରିତା ସହ ଭୋଟ୍ ହାର ବଢ଼ିବ ଏବଂ ନିର୍ବାଚନ ବାବଦ ଖର୍ଚ୍ଚ କମିବ ବୋଲି ଶାସକ ମେଣ୍ଟ ପକ୍ଷରୁ କୁହାଯାଉଥିବା ବେଳେ, ବିରୋଧୀ ଏହାକୁ ଅଣସାମ୍ବିଧାନିକ ବୋଲି ଯୁକ୍ତି ବାଢ଼ୁଛନ୍ତି । ସେପଟେ ଏହି ସମ୍ବିଧାନ ସଂଶୋଧନ ବିଲକୁ ଆଇନରେ ପରିଣତ କରିବା ପାଇଁ ସବୁ ପର୍ଯ୍ୟାୟରେ ଦୁଇ ତୃତୀୟାଂଶ ଭୋଟ୍ ଆବଶ୍ୟକ ଥିବାରୁ, ଏଥିପାଇଁ ଶାସକ ଦଳକୁ ବହୁ କସରତ କରିବାକୁ ପଡ଼ିବ ବୋଲି କୁହାଯାଉଛି । ସାରା ଦେଶରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ କରାଇବାକୁ, ୧୨୯ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୪ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍, ୨୦୨୪ ଉପସ୍ଥାପନ କରିଛନ୍ତି କେନ୍ଦ୍ର ସରକାର। ଲୋକସଭାରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହି ବିଲ୍ ଉପସ୍ଥାପନ କରିବା ମାତ୍ରେ, ଏହା ସମ୍ବିଧାନର ମୂଳ ଢାଞ୍ଚା ଉପରେ କୁଠାରଘାତ ବୋଲି ଦର୍ଶାଇ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଥିଲେ ବିରୋଧୀ ଦଳ। ତେବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କ୍ୟାବିନେଟରେ ଏହି ବିଲ୍ ଆସିବା ପରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ କହିଥିଲେ ଯେ, ଏହା ସବୁ ସ୍ତରରେ ବିସ୍ତୃତ ଆଲୋଚନା ପାଇଁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ବା ଔଚଉକୁ ପଠାଯିବା ଉଚିତ । ଏହା ପରେ ଡିଭିଜନ୍ ଅଫ୍ ଭୋଟ୍ ଆଧାରରେ ବିଲ୍ ଆଗତ ହେବ କି ନାହିଁ ସ୍ଥିର କରିବା ପାଇଁ, ସଂସଦ ଇତିହାସରେ ପ୍ରଥମ ଥର ପାଇଁ ହୋଇଥିଲା ଇ-ଭୋଟିଂ । ବିଲ୍ ସପକ୍ଷରେ ▶▶ପୃଷ୍ଠା ୭

## କ୍ରେମଲିନର ରାସାୟନିକ ଓ ଜୈବ ସୁରକ୍ଷା ମୁଖ୍ୟଙ୍କୁ ହତ୍ୟା




ନୂଆଦିଲ୍ଲୀ, ୧୭/୧୨ : ରୁଷରୁ ଆସିଛି ବଡ଼ ଖବର । ବମ ବ୍ଲାଷ୍ଟରେ ମୃତ୍ୟୁବରଣ କରିଛନ୍ତି ରୁଷର ଜେନାରାଲ ଇଗୋର କିରିଲୋଭ । ସୂଚନା ଅନୁସାରେ ଇଲେକଟ୍ରିକ୍ ସ୍କୁଟରେର ରଖାଯାଥିବା ବୋମାରେ ମୃତ୍ୟୁ ବରଣ କରିଛନ୍ତି ରୁଷର ପରମାଣୁ ସୁରକ୍ଷାର ପ୍ରଭାରୀ ତଥା ବରିଷ୍ଠ ସେନା ଅଧିକାରୀ ଇଗୋର କିରିଲୋଭ । ମେସ୍କାର ଆଣବିକ ସୁରକ୍ଷା ବାହିନୀର ତଦାରଖ କରୁଥିବା ଇେଗାର କିରିଲୋଭଙ୍କ ମୃତ୍ୟୁ । ଇେଲକ୍ଟ୍ରିକ୍ ସ୍କୁଟରେର ଲୁଚାଇ ରଖିଥିବା ବୋମାରେ ପ୍ରାଣ ହରାଇଛନ୍ତି ଇେଗାର । ମୃତ୍ୟୁର ସୂଚନା ଦେଲେ ରୁଷୀୟ ଅନୁସନ୍ଧାନକାରୀ କମିଟି । କ୍ରେମଲିନଠାରୁ ପ୍ରାୟ ୭ କିଲୋମିଟର ଏକ ଆପାର୍ଟମେଣ୍ଟ ବିଲ୍ଡିଂ ନିକଟେର ହତ୍ୟା । ରୁଷିଆର ପରମାଣୁ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବାହିନୀର ମୁଖ୍ୟ ଲେଫ୍ଟନାଣ୍ଟ ଜେନରାଲ ରହିଥିଲେ ଇଗୋର କିରିଲୋଭ । କୁହାଯାଏ ଇଗୋର ୟୁକ୍ରେନ ପାଇଁ ଚିନ୍ତାର କାରଣ ସାଜିଥିଲେ । ୟୁକ୍ରେନେର ହେଉଥିବା ରାସାୟନିକ ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲେ ଇଗୋର । ଖାଲି ଏତିକି ନୁହେଁ ୟୁକ୍ରେନେର ମଧ୍ୟ ଡ୍ରୋନ ଆକ୍ରମଣ ସହ ବିଷାକ୍ତ ଗ୍ୟାସ ମଧ୍ୟ ଛାଡିଥିଲେ ଇଗୋର କିରିଲୋଭ । ଏହି ବିସ୍ଫୋରଣରେ କିରିଲୋଭଙ୍କ ସହାୟକଙ୍କ ମଧ୍ୟ ମୃତ୍ୟୁ ଘଟିଛି । ରୁଷ୍ର ଆକ୍ରମଣ ସମୟେର ନିଷିଦ୍ଧ ରାସାୟନିକ ଅସ୍ତ୍ର ଶସ୍ତ୍ର ବ୍ୟବହାର ଅଭିଯୋଗେର କିରିଲୋଭଙ୍କୁ ୟୁକ୍ରେନର ଏକ ନ୍ୟାୟାଳୟ ସୋମବାର ଦୋଷୀ ସାବ୍ୟସ୍ତ କରିଥିଲେ । ଅନୁସନ୍ଧାନକାରୀ କମିଟି କହିଛି ରୁଷୀୟ ସଂଘର ସଶସ୍ତ୍ର ବାହିନୀର ଜୈବିକ ସୁରକ୍ଷା ବାହିନୀର ମୁଖ୍ୟ ଇେଗାର ▶▶ପୃଷ୍ଠା ୭

## ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କୁ ନାଲି ଆଖି ଦେଖାଇଲେ ରାଜସ୍ୱମନ୍ତ୍ରୀ



ନବରଙ୍ଗପୁର, ୧୭/୧୨ (ନି.ପ୍ର): ମିଲରଙ୍କୁ ନାଲି ଆଖି ଦେଖାଇଲେ ରାଜସ୍ୱମନ୍ତ୍ରୀ। ଧାନ କିଣିବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କୁ କଡ଼ା ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଆଜି ଦିନକିଆ ନବରଙ୍ଗପୁର ଗସ୍ତରେ ଯାଇ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗ ଓ ଧାନ କିଣା ପ୍ରକ୍ରିୟାର ସମୀକ୍ଷା ବୈଠକରେ ଏଭଳି ଚେତାବନୀ ଦେଇଛନ୍ତି ମନ୍ତ୍ରୀ। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଯେଉଁ ମିଲରମାନେ ଏଗ୍ରିମେଣ୍ଟ କରିବେ ନାହିଁ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଉଁମାନେ ଅବରୋଧ କରିବାକୁ ଚେଷ୍ଟା କରିବେ, ସେମାନେ କଳ୍ପନା କରିପାରିବେନି ସରକାର କି ପ୍ରକାର ଦଣ୍ଡଦେବେ। ଏ ସରକାର ହେଉଛି ଗରିବ ଲୋକ ଓ ଚାଷୀମାନଙ୍କର ବୋଲି ମନ୍ତ୍ରୀ କହିଛନ୍ତି। ଆଜି ଦିନିକିଆ ନବରଙ୍ଗପୁର ଗସ୍ତରେ ଯାଇଥିଲେ ▶▶ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ଅଦଳବଦଳ: ମନୋଜଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦାୟିତ୍ୱ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଆଇଏଏସ୍ ସ୍ତରରେ ଅଦଳବଦଳ । ବିବାଦ ପରେ ପଦରୁ ହଟିଲେ ଆଇଏଏସ୍ ବିଷ୍ଣୁପଦ ସେଠୀ । ଆଇଏଏସ୍ ମନୋଜ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ମିଳିଛି । ସେ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେସନ୍‌ରୁ ଫେରିଥିଲେ । ମନୋଜ ସାହୁ ଅନ୍ତଃ ରାଜ୍ୟ ଡେପୁଟେସନ୍‌ରେ ଆସିଛନ୍ତି ଓଡ଼ିଶା। ବିଷ୍ଣୁପଦଙ୍କ ସ୍ଥାନରେ



ସଞ୍ଜୀବ ମିଶ୍ରଙ୍କୁ Sc/St, ଭିନ୍ନକ୍ଷମ, ସାମାଜିକ ସୁରକ୍ଷା ଓ ଭାଷା, ▶▶ପୃଷ୍ଠା ୭

### ୩ ବିଭାଗର ସଚିବ ପଦରୁ ବିଦା ହେଲେ ବିଷ୍ଣୁପଦ

### ଭୁବନେଶ୍ୱର ନୁହେଁ: ଦିଲ୍ଲୀରେ ହାଜର ହେବେ ବିଷ୍ଣୁପଦ ସେଠୀ



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଟେଣ୍ଡର ଫିକ୍ସିଂ ମାମଲାରେ ସିବିଆଇ ସହ ଲୁଚକାଳି ଖେଳୁଥିବା ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୋହନ ସରକାର। ଆଜି ତାଙ୍କୁ ୩ଟି ଯାକ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ପଦରୁ ହଟାଇ ଦେଇଛନ୍ତି । ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସଡି(ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ ପନିସମେଂଟରେ ▶▶ପୃଷ୍ଠା ୭

## ମହାନଦୀରେ ଭାସୁଛି ରେଭେନ୍ସାର ପୂର୍ବତନ ପ୍ରଫେସରଙ୍କ ମୃତଦେହ

କଟକ, ୧୭/୧୨ (ନି.ପ୍ର): ମହାନଦୀରେ ଭାସୁଛି ଜଣେ ପୂର୍ବତନ ପ୍ରଫେସରଙ୍କ ମୃତଦେହ। କଟକ ଯୋବ୍ରା ବ୍ୟାରେଜ ନିକଟ ମହାନଦୀରୁ ପ୍ରଫେସରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ରେଭେନ୍ସାର ପୂର୍ବତନ ପ୍ରଫେସର ବୈଷ୍ଣବ ଚରଣ ସିଂ। ତାଙ୍କ ଘର ରାଜେନ୍ଦ୍ର ନଗରରେ। ବୈଷ୍ଣବ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ▶▶ପୃଷ୍ଠା ୭

## ମନ୍ତ୍ରୀ ପଦ ନ ମିଳିବାରୁ ରାଗି ଗଲେ ଛଗନ ଭୁଜବଳ: ଉପ ମୁଖ୍ୟମନ୍ତ୍ରୀଙ୍କୁ କଲେ ଟାର୍ଗେଟ

ନୂଆଦିଲ୍ଲୀ, ୧୭/୧୨ : ମହାରାଷ୍ଟ୍ରରେ ମହାୟୁତି ସରକାର କ୍ୟାବିନେଟ ସଂପ୍ରସାରଣ କରିଥିଲେ ହେଁ ବରିଷ୍ଠ ଏନସିପି ନେତା ଛଗନ ଭୁଜବଳଙ୍କୁ ମନ୍ତ୍ରୀ ପଦ ମିଳିନାହିଁ। ଏହାକୁ ନେଇ ସେ ଦଳର ସଭାପତି ତଥା ମହାୟୁତି ସରକାରରେ ଉପ ମୁଖ୍ୟମନ୍ତ୍ରୀ ଥିବା ଅଜିତ ପାୱାରଙ୍କୁ ଟାର୍ଗେଟ କରିଛନ୍ତି। ଅଜିତ ପାୱାରଙ୍କ ସମେତ ଏନସିପିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ ପଟେଲଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି। କ'ଣ ସେ ସେମାନଙ୍କ ହାତର ଚାବି ଦିଆ କଣ୍ଢେଇ ବୋଲି ମଧ୍ୟ ଛଗନ ଭୁଜବଳ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ପଦ ନ ମିଳିବାରୁ ଭୁଜବଳ





ବିଧାନସଭାର ଶୀତ ଅଧିବେଶନରେ ଯୋଗ ଦେଇନାହାନ୍ତି। ସେ ମୁମ୍ବାଇ ଛାଡ଼ି ନାଶିକ ମଧ୍ୟ ଚାଲି ଯାଇଛନ୍ତି। ସେ ନିଜର ସମର୍ଥକଙ୍କୁ ଭେଟିଛନ୍ତି ଓ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ତାଙ୍କୁ କ୍ୟାବିନେଟରେ ସାମିଲ କରିବାକୁ ଚାହୁଁଥିଲେ ହେଁ କିଏ ଏଥିରେ ବାଧ ସୃଷ୍ଟି କଲା, ସେକଥା ଖୁବଶୀଘ୍ର ସାମ୍ନାକୁ ଆଣିବେ ବୋଲି ଘୋଷଣା କରିଛନ୍ତି। ଏହାବାଦ ଛଗନ ଭୁଜବଳ ଆଗାମୀ ଦିନରେ ତାଙ୍କ ରାଜନୀତିକ କ୍ୟାରିୟର ଉପରେ ବଡ଼ ନିଷ୍ପତ୍ତି ନେବେ ବୋଲି ମଧ୍ୟ ନିଜର ସମର୍ଥକଙ୍କୁ କହିଛନ୍ତି। ସେ କହିଛନ୍ତି, "ଅଜିତ ପାୱାର ଓ ପ୍ରଫୁଲ ପଟେଲ ମୋ ସହ ମନ୍ତ୍ରୀ ପଦ ନେଇ ଆଲୋଚନା କରିବେ ବୋଲି କହିଥିଲେ। କିନ୍ତୁ ସେମାନେ ଆଲୋଚନା ଆଦୌ କରି ନାହାନ୍ତି। ଅଜିତ ପାୱାର କିମ୍ବା ପ୍ରଫୁଲ ପଟେଲଙ୍କ ଅଫିସରୁ ମୋତେ କେହି ବି କଲ କରିନାହାନ୍ତି। ମୁଁ ସେମାନଙ୍କ ହାତର କଣ୍ଢେଇ ନୁହେଁ। ଯଦି ସେମାନଙ୍କ ପ୍ରସ୍ତାବ ଅନୁସାରେ ଇସ୍ତଫା ଦେଇ ରାଜ୍ୟସଭାକୁ ଚାଲିଯିବି, ତା'ହେଲେ ମୋ ନିର୍ବାଚନ ମଣ୍ଡଳୀର ଲୋକମାନେ କ'ଣ ଭାବିବେ ?" ଅଜିତ ପାୱାର ଓ ପ୍ରଫୁଲ ପଟେଲଙ୍କୁ ଟାର୍ଗେଟ କରି ଭୁଜବଳ ଆହୁରି କହିଛନ୍ତି, "ଛଗନ ଭୁଜବଳ ସେମିତି ଲୋକ ନୁହେଁ ଯେ ଯିଏ ଉଠ କହିଲେ ଉଠିବ ଓ ▶▶ପୃଷ୍ଠା ୭

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କଠାରୁ ଲାଞ୍ଚ ନେଇ ଧରାପଡ଼ିଲେ ସେକ୍ସନ ଅଫିସର



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବିଇଓଙ୍କ ଅଫିସର ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ। ତାଙ୍କଠାରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ପେନ୍‌ସନ୍ କାମ କରିଦେବାକୁ ଲାଞ୍ଚ ମାଗିଥିଲେ। ୨୦୧୧ରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ପେନସନ କାମ ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀଙ୍କ ପାଖରେ ଅଟକି ରହିଥିଲା। ପେନସନ କାମ ଆଗେଇ ନେବାକୁ ସେ ଶ୍ରୀ ସାହୁଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଲାଞ୍ଚ ମାଗିବା ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଅନ୍ୟ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ହରିୟାଣା ପୁଲିସ୍: ଘରକୁ ଘର ବୁଲି ଖୋଜୁଛି

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ହରିୟାଣା ପୁଲିସ୍। ଇନ୍‌ଫୋସିଟି ଥାନା ପୁଲିସ୍ ସହାୟତାରେ ହରିୟାଣା ପୁଲିସ୍ ପ୍ରଶାନ୍ତି ବିହାରରେ ଘରକୁ ଘର ବୁଲି ସର୍ଚ୍ଚ କରୁଛି। ହେଲେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇନି ପୁଲିସ୍। ଆଜକୁ ୧୦ ଦିନ ତଳେ ହରିୟାଣାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅପହରଣ କରାଯାଇଥିଲା। ଏହି ମାମଲାରେ ତଦନ୍ତ ବେଳେ ହରିୟାଣା ପୁଲିସ୍‌କୁ ଓଡ଼ିଶା ଲିଙ୍କ ମିଳିଥିଲା। ଅପହରଣର ମାଷ୍ଟରମାଇଣ୍ଡଙ୍କ ମୋବାଇଲ ଲୋକେସନ୍ ଇନ୍‌ଫୋସିଟି ଥାନା ପ୍ରଶାନ୍ତି ▶▶ପୃଷ୍ଠା ୭

## ୨୩ତମ ଭାରତ-ଚୀନ୍ ଆଲୋଚନା: ବେଜିଂରେ ପହଞ୍ଚିଲେ ଡୋଭାଲ



ବେଜିଂ, ୧୭/୧୨ : ୨୩ତମ ଭାରତ-ଚୀନ୍ ସ୍ୱତନ୍ତ୍ର ପ୍ରତିନିଧୀ (ଏସ୍ଆର) ଆଲୋଚନାରେ ଭାଗ ନେବାକୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଙ୍ଗଳବାର ବେଜିଂରେ ପହଞ୍ଚିଛନ୍ତି। ଏହି ଆଲୋଚନା ବୁଧବାର ଅର୍ଥାତ୍ ୧୮ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ହେବ। ସ୍ୱତନ୍ତ୍ର ପ୍ରତିନିଧି କଥାବାର୍ତ୍ତାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହେଉଛି ଦ୍ୱିପାକ୍ଷିକ ସମ୍ପର୍କକୁ ପୁନଃସ୍ଥାପିତ କରିବା ଯାହା ପୂର୍ବ ଲଦାଖରେ ସାମରିକ ବିବାଦ ଯୋଗୁ ଚାରି ବର୍ଷରୁ ଅଧିକ ସମୟ ଧରି ପ୍ରଭାବିତ ହୋଇଥିଲା । ଅଜିତ ଡୋଭାଲ ତାଙ୍କର ଚୀନ୍ ପ୍ରତିପକ୍ଷ ତଥା ବେକ୍ତ୍ରଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ୨୩ତମ ରାଉଣ୍ଡ ସ୍ୱତନ୍ତ୍ର ପ୍ରତିନିଧୀ (ଏସଆର)ସ୍ତରୀୟ ଆଲୋଚନା କରିବେ। ଏହି ଅବଧି ମଧ୍ୟରେ ଅକ୍ଟୋବର ୨୧ ରେ ଦୁଇ ଦେଶ ମଧ୍ୟରେ ସେ ?ନ୍ୟ ପ୍ରତ୍ୟାହାର ଏବଂ ପୂର୍ବ ଲଦାଖରୁ ପାଟ୍ରୋଲିଂ ସମ୍ପର୍କରେ ଚୁକ୍ତି ହେବା ପରେ ଦ୍ୱିପାକ୍ଷିକ ସମ୍ପର୍କକୁ ପୁନଃସ୍ଥାପିତ କରିବାକୁ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହେବାର ଆଶା କରାଯାଉଛି। ସ୍ୱତନ୍ତ୍ର ପ୍ରତିନିଧୀଙ୍କ ଆଲୋଚନା ପୂର୍ବରୁ ଚୀନ୍ ମଙ୍ଗଳବାର ଏକ ବିବୃତି ଜାରି କରିଛି। ଅକ୍ଟୋବର ୨୩ରେ ବ୍ରିକ୍ସ ଶିଖର ସମ୍ମିଳନୀରେ ରୁଷିଆର କାଜାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ବୈଠକରେ ମିଳିଥିବା ସହମତି ଭିତ୍ତିରେ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଭାରତ-ଚୀନ୍ ସୀମା ପ୍ରସଙ୍ଗରେ ଜାତୀୟ ସୁରକ୍ଷା ପରାମର୍ଶଦାତା ତଥା ଭାରତର ସ୍ୱତନ୍ତ୍ର ପ୍ରତିନିଧୀ (ଏସଆରଏସ) ଚୀନ୍ ପ୍ରତିପକ୍ଷ ୱାଙ୍ଗ ୟି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) କେନ୍ଦ୍ରୀୟ କମିଟିର ରାଜନୈତିକ ବ୍ୟୁରୋର ସଦସ୍ୟ ତଥା ଚୀନ୍‌ର ୧୮ବୈଦେଶିକ ମନ୍ତ୍ରୀ ଅଜିତ ଡୋଭାଲଙ୍କ ସହ ୧୮ ଡିସେମ୍ବର ୨୦୨୪ ଏକ ସାମ୍ବାଦିକ ସମ୍ମିଳନୀରେ ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ ଜିଆନଙ୍କୁ ଯେତେବେଳେ ଏକ ସ୍ୱତନ୍ତ୍ର ପ୍ରତିନିଧୀ ଆଲୋଚନା ବିଷୟରେ ପଚରାଯାଇଥିଲା, ସେ କହିଛନ୍ତି ଯେ ଚୀନ୍ ଦୁଇ ନେତାଙ୍କ ମଧ୍ୟରେ ପହଞ୍ଚିଥିବା ଗୁରୁତ୍ୱପୂର୍ଣ୍ଣ ସହମତି ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ। ଯେପରିକି ନରେନ୍ଦ୍ର ମୋଦୀ ଏବଂ ସି ଜିନପିଙ୍ଗ ଏବଂ କଥାବାର୍ତ୍ତା ଏବଂ ଯୋଗାଯୋଗ, ପାରସ୍ପରିକ ବିଶ୍ୱାସ ଏବଂ ବିଶ୍ୱାସ ବଢ଼ାଇବା, ଆମର ପ୍ରତିବଦ୍ଧତାକୁ ସମ୍ମାନ ଦେବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ ତଥା ସ୍ଥାୟୀ ବିକାଶକୁ ଫେରାଇ ଆଣିବା ପାଇଁ ଆମେ ଭାରତ ସହ ମିଶି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛୁ।

## ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ: ଆଜି ବନ୍ଦ ରହିବ

ପୁରୀ, ୧୭/୧୨ (ନି.ପ୍ର): ପ୍ରତୀକ୍ଷାର ଅନ୍ତ ଘଟିଛି। ଆରମ୍ଭ ହୋଇଛି ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ। ଇଙ୍କଓ ଟିମ୍ ଆଜି ଶ୍ରମିକଙ୍କୁ ଧରି ଭାରା ବନ୍ଧା କାମରୁ ସଂରକ୍ଷଣ କାମ ଆରମ୍ଭ କରିଛି। ପୂର୍ବରୁ ସ୍ଥିରୀକୃତ ମାର୍ଗଦର୍ଶିକା ଅନୁସାରେ ପ୍ରଥମ ଦିନରେ ୧୫ରୁ ୨୦ଜଣ ଶ୍ରମିକଙ୍କ ସହ ଭଣ୍ଡାର ଗୃହକୁ ପ୍ରବେଶ କରିଥିଲେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଟେକ୍ନିକାଲ ଟିମ୍। ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ସହ ଛତିଶା ନିଯୋଗ ନାୟକ,



ଶ୍ରୀମନ୍ଦିର ନୀତି ପ୍ରଶାସକ, ଭଣ୍ଡାର ମେକାପ, ତଡଉ କରଣ, ଦେଉଳକରଣ ଆଦିଙ୍କ ଉପସ୍ଥିତରେ ଖୋଲାଯାଇଥିଲା ମହାପ୍ରଭୁଙ୍କ ଅଳଙ୍କାର ଗୃହ। ଯେହେତୁ ଏବେ ଠାକୁରଙ୍କ ପହିଲି ଭୋଗ ନୀତି ଚାଲିଛି, ତାକୁ ଦୃଷ୍ଟିରେ ରଖି ଭୋଗ ▶▶ପୃଷ୍ଠା ୭

# ଜାତୀୟ ଯୁବ ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ, ୧୭/୧୨ (ନି.ପ୍ର): ଜାତୀୟ ଯୁବ ଉତ୍ସବର ପୁରୀ ଜିଲ୍ଲା ସ୍ତରୀୟ ବିବିଧ ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଭୋଳାନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି। ଏହାକୁ ଲୋକ ଲୋଚନକୁ ଆଣିବା ଏହି ଯୁବ ଉତ୍ସବ ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ନାୟକ କହିବା ସହ ପ୍ରଥମ ହୋଇଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରକୁ ଯାଉଥିବାରୁ ବର୍ତ୍ତମାନ ଠାରୁ ଅଧିକ ପରିଶ୍ରମ କରି ରାଜ୍ୟ ସ୍ତରରେ ଶ୍ରେଷ୍ଠ ହୋଇ ଜିଲ୍ଲାର ସୁନାମ ବଢାନ୍ତୁ ବୋଲି ଆଶାବ୍ୟକ୍ତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ପରିଚାଳନା ସହ ଜିଲ୍ଲାର କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ଶିକ୍ଷାବିତ ବିଶ୍ୱନାଥ ବେହେରା, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ମହାନ୍ତି, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ପଦ୍ୟ ରଚନା ପ୍ରତିଯୋଗିତା (ହିନ୍ଦୀ/ ଇଂରାଜୀ), ଗଳ୍ପ ଲିଖନ ପ୍ରତିଯୋଗିତା (ହିନ୍ଦୀ ଓ ଇଂରାଜୀ), ବକ୍ତୃତା ପ୍ରତିଯୋଗିତା (ହିନ୍ଦୀ ଓ ଇଂରାଜୀ), ଦଳଗତ ଲୋକ ନୃତ୍ୟ ଓ ଲୋକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପୂର୍ବତନ ନିର୍ଦ୍ଦେଶକ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଂଚଳ ମାନସ ରଞ୍ଜନ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭାବୀ ବିକ୍ରି ରୋକିବାକୁ ମଣ୍ଡି ଖୋଲିବାକୁ କୃଷକ ମଂଚର ଦାବି

କୋରେଇ, ୧୭/୧୨ (ନି.ପ୍ର): ଖରିଫ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଂଚିଛି। ଅମଳ କରି ଧାନ ବିକ୍ରି କରିବାକୁ ଚାହିଁ ବସିଛି ଚାଷୀ କିନ୍ତୁ ଖୋଲୁନି ସରକାରୀ ମଣ୍ଡି। ଫଳରେ ଅଭାବୀ ବିକ୍ରିର ସମ୍ମୁଖିନ ହେଉଛି ଚାଷୀ। ମଣ୍ଡି ଖୋଲିଲେ ଧାନ ବିକ୍ରି କରିବେ। ହେଲେ ଏବେର ଖବର ଅନୁଯାୟୀ ଜାନୁଆରୀ ୭ରେ ଖୋଲିବ ସରକାରୀ ମଣ୍ଡି। ଧାନ ଚାଷ ଆରମ୍ଭ ପୂର୍ବରୁ ଧାର କରଜ କରିଛି ଚାଷୀ। ଏବେ ମେସିନରେ ଧାନ କଟା ଖର୍ଚ୍ଚ ସହିତ ପରିବାର ପ୍ରତିପୋଷଣ ଚିନ୍ତା ଅପରପକ୍ଷେ କରଜର ସୁଧ ବଢି ଚାଲିଛି। ଗତବର୍ଷ ଡିସେମ୍ବରରେ ମଣ୍ଡି ଖୋଲିଥିଲା। କିନ୍ତୁ ଚଳିତ ବର୍ଷ ଜାନୁଆରୀକୁ ଘୁଂଚି ଯାଇଛି। ଏହାର ସୁଯୋଗ ନେଉଛନ୍ତି ଦଲାଲ। ଚାଷୀର ଅବସ୍ଥାକୁ ଦେଖି କ୍ଷେତରେ ଦଲାଲ ପହଂଚିଛନ୍ତି। ସରକାରୀ ଦର କ୍ୱିଂଟାଲ ପିଛା ୩୧ ଶହ ଟଙ୍କା ଘୋଷଣା ହୋଇଥିଲା ବେଳେ ଦଲାଲ ମାନେ ୧୯ଶହରୁ ୨୨ ମଧ୍ୟରେ ଧାନ କିଣୁଛନ୍ତି। ସରକାରୀ ମଣ୍ଡିରେ ଧାନ ଦେବାର ବ୍ୟବସ୍ଥାକୁ ଶୁଣି ମଧ୍ୟ ଚାଷୀ ମଣ୍ଡିରେ ଧାନ ଦେବାକୁ କୁଣ୍ଠ କନ୍ଟୁ ହେଉଛି। ଯେଭଳିଭାବେ ଦଲାଲ ମାନେ ଧାନ ଉଠାଉଛନ୍ତି ମଣ୍ଡି ଖୋଲିବା ବେଳେକୁ ଧାନ ଥିବ କି ନାହିଁ ତାହା ସନ୍ଦେହ। ଚାଷୀର ଆର୍ଥିକ ସ୍ଥିତି ଓ ବର୍ଷ ସାରାର ପ୍ରରିଶ୍ରମର ଫଳ ଧାନକୁ ଦେଖିଲେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ଧନୁସଂକ୍ରାନ୍ତିରେ ମା' ଭଗବତୀଙ୍କୁ ଲାଗିହେଲା ଧନୁମୁଆଁ

ଖୋର୍ଦ୍ଧା, ୧୭/୧୨ (ନି.ପ୍ର): ପବିତ୍ର ଧନୁ ସଂକ୍ରାନ୍ତିରୁ ଧନୁ ରାଶିରେ ସୂର୍ଯ୍ୟଙ୍କ ଚଳନ ଆରମ୍ଭ। ଦକ୍ଷିଣାୟନ ଗତି। ଧନୁ ସଂକ୍ରାନ୍ତିରୁ ମକର ପର୍ଯ୍ୟନ୍ତ ମା'ଙ୍କ ପାଖରେ ଲାଗି ହୁଏ ଧନୁ ମୁଆଁ। ଏହା ଓଡ଼ିଶାର କୃଷିଭିତିକ ପର୍ବ। ଚାଷି ଭାଇଙ୍କର ଧାନ ଅମଳର ସମୟ। ନିଜ ଜମିରୁ ଆଦାୟ ଶସ୍ୟ ଧାନ ଫସଲରେ ମୁଆଁ ତିଆରି କରି ଦେବାଦେବୀଙ୍କୁ ଅର୍ପଣ କରିବାର ପର୍ବ। ପ୍ରତି ଓଡ଼ିଆଙ୍କ ଘରେ ମନ୍ଦିରରେ ମୁଆଁ ଭୋଗ। ମା' ଭାଗବତୀଙ୍କ ପୀଠରେ ମଧ ଲାଗି ହୋଇଛି ନୂଆ ଧାନରୁ ପ୍ରସ୍ତୁତ ଲିଆ, ଗୁଡ଼, ନଡ଼ିଆ ଗୁଆଘିଅ, କାଜୁ ମସଲାରେ ଶୁଦ୍ଧପୂତ ଭାବରେ ପ୍ରସ୍ତୁତ ମୁଆଁ। ମା'ଙ୍କ ଜମିରୁ ଅମଳ ନୂଆଁଧାନର ଲିଆରୁ ମଧୁବୈଶ୍ୟ ସେବାୟତମାନଙ୍କ ଦ୍ୱାରା ଏହି ମୁଆଁ ପ୍ରସ୍ତୁତ ହୋଇ ଲାଗି ହେବାର ପରମ୍ପରା ଥିବାବେଳେ ତାହା କାଳକ୍ରମେ ବନ୍ଦ ହୋଇଯାଇଥିବାରୁ ଏଣ୍ଡାଓମେଂଟ ତରଫରୁ ଏହାକୁ ପ୍ରସ୍ତୁତ କରାଯାଇ ମା'ଙ୍କ ପାଖରେ ଲାଗି କରାଯାଉଛି। ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଂଟନ କରାଯାଇଛି। ଆଜିର ଏହି ପବିତ୍ର ତିଥିରେ ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବଲ୍ଲଭ ସାଥିରେ ଚାରୋଟି ଧନୁମୁଆଁ ନେଇ ପାଳିଆ ମାଳି ସେବକମାନେ ପରିଛା ସାମନ୍ତଙ୍କୁ ବଢେଇଲା ପରେ ଘଂଟ ଘଂଟା କାହାଳୀ ବାଜି ମା'ଙ୍କୁ ଧୂପ କରାଯାଇ ଆଳତି ବଢିଥିଲା। ତାପରେ ସର୍ବସାଧାରଣ ଦର୍ଶନ ଓ ଭୋଗ ଲାଗି ହୋଇ ଖେଚୁଡ଼ି ଡାଲି ଏବଂ ଧୂପ ପରେ ଅନ୍ନ, ଡାଲି, ମହୁର, ଖିରୀ, ଏଣ୍ଡୁରୀ ଭୋଗ ହୋଇ ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା। ଧନୁସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ଓଡ଼ିଶା ଭଳି ଟିମର ଅଧିନାୟକ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ମାଟି ଭଲିବଲର ମାଟି। ଏହି ମାଟିର ସନ୍ତାନ ଅନେକ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କେନ୍ଦ୍ରାପଡ଼ାକୁ ଗୌରବନ୍ୱିତ କରିଛନ୍ତି। ଚଉଦ ବର୍ଷରୁ କମ୍ ଓଡ଼ିଶା ଭଳି ଟିମ୍ର ଅଧିନାୟକ ଭାବରେ ମନୋନୀତ ହୋଇ କେନ୍ଦ୍ରାପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ର ଅଭିନ୍ନ ସାମଲ ଉତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଠାରେ ଜାତୀୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ତିନି ତାରିଖରୁ ଚଉଦ ତାରିଖ ପର୍ଯ୍ୟନ୍ତ ଖେଳି ସୁନାମ ଆଣିଛନ୍ତି। ଓଡ଼ିଶା କ୍ୟାପଟେନ ଅଭିନ୍ନ ସାମଲଙ୍କୁ ଗତକାଲି କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ ଠାରେ ୟୁଥ୍ ଭଲିବଲ ଏକାଡେମୀ, କେନ୍ଦ୍ରାପଡ଼ା ଦ୍ୱାର ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା। ଏହି ସଭାରେ ଅଥଲେଟିକ ଆସୋସିଏସନର ସମ୍ପାଦକ ସାୟେଦ ଅକ୍ଭଲ୍ ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଏସିଡେମିର ସଭାପତି ସେକ ରଫିକ୍, ସମ୍ପାଦକ ସେକ ରେହାନ, ପୂର୍ବତନ ଭଲିବଲ ଖେଳାଳୀ ମହମ୍ମଦ ଅସଗର ଅଲ୍ଲୀ, ପିତା ଅଚ୍ୟୁତାନନ୍ଦ ସାମଲ, ଆଦି ଉପସ୍ଥିତ ରହି କ୍ୟାପଟେନ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ବହୁତ ସଂଖ୍ୟକ ଖେଳାଳି ଉପସ୍ଥିତ ଥିଲେ। ଅଭିନ୍ନ ସାମଲଙ୍କର ଭଳି ଖେଳରେ ଉତରୋତର ଉନ୍ନତି ହେଉ ବୋଲି ଉପସ୍ଥିତ ଅତିଥିମାନେ ଆଶୀର୍ବାଦ କରିଥିଲେ ଓ କରତାଳି ଦେଇ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଦେଶପାଇଁ ଭଲି ଖେଳିବାକୁ ଆଶା ରଖିଥିବା ଅଭିନ୍ନ ପ୍ରକାଶ କରି କେନ୍ଦ୍ରାପଡ଼ାରେ ଭଲି ବଲର ଅଭିଜ୍ଞ କୋଚର ଆବଶ୍ୟକତା ଅଛି ବୋଲି ମାର ପ୍ରକାଶ କରିଥିଲେ। ଶେଷରେ ସେକ ରଫିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ, ୧୭/୧୨ (ନି.ପ୍ର): ପୁରୀ ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ପୁରୀ ଜିଲ୍ଲା ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ପାଇଁ ଏନ୍ ସି ଇ ଆର୍ ଟି ପକ୍ଷରୁ ମୁଖ୍ୟ ବିଷୟବସ୍ତୁ ଭାବେ 'ପୋଷଣୀୟ ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ଓ ସାତ ଗୋଟି ଉପ ବିଷୟବସ୍ତୁ ଯଥା - ଖାଦ୍ୟ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା, ଗାଣିତିକ ମଡେଲିଂ ଓ ଗଣନାକାରୀ ଚିନ୍ତାଧାରା, ବର୍ଜ୍ୟବସ୍ତୁ ପରିଚାଳନା ଓ ସମ୍ବଳ ପରିଚାଳନା ଇତ୍ୟାଦି ବିଷୟରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ମଣ୍ଡଳରେ ଏହା ପୂର୍ବରୁ ବିଭିନ୍ନ ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଆୟୋଜନ କରାଯାଇ ଅଂଶଗ୍ରହଣ କରିଥିବା ୧୩୫୦ ଗୋଟି ବିଦ୍ୟାଳୟ ମାନଙ୍କରୁ ସମୁଦାୟ ୧୬୩୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ଏହି ସାତଗୋଟି ଉପ ବିଷୟବସ୍ତୁକୁ ଆଧାର କରି ପ୍ରତ୍ୟେକ ବ୍ଲକରୁ ସାତୋଟି କରି ପୁରୀର ୧୧ଟି ବ୍ଲକରୁ ସମୁଦାୟ ୭୭ ଗୋଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଏହି ସମାରୋହରେ ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପିପିଲି, ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନେ ପିଲା ଦିନରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମାର୍ଗ ଦର୍ଶନରେ ଅନୁପ୍ରାଣିତ ହୋଇ ନିଜ ନିଜର ଚେଷ୍ଟା ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତଭାବେ ସଫଳ ବୈଜ୍ଞାନିକ ଭାବେ ପରିଣତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ, ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର ନିଜର ଓଜସ୍ୱୀ ବକ୍ତବ୍ୟ ମାଧ୍ୟମରେ କୁନି କୁନି ବୈଜ୍ଞାନିକ ମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଧାୟକ, ପୁରୀ ସଦର, ସୁନୀଲ କୁମାର ମହାନ୍ତି, ଓଡ଼ିଶା ନିର୍ଦ୍ଦେଶାଳୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ହିମାଂଶୁ ଭୂଷଣ ସମରଥ ପୁରୀ ସଦର ବି ଇ ଓ ପ୍ରମୋଦ କୁମାର କର ଓ ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିବରାମ ମିଶ୍ର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମଧ୍ୟାହ୍ନ ସମୟରେ ଶିକ୍ଷକ ପ୍ରତାପ କୁମାର ରାଉତ ଓ ପ୍ରଦୀପ୍ତ କୁମାର ସ୍ୱାଇଁ ବିଜ୍ଞାନ କୁଇଜ୍ ପରିଚାଳନା କରିଥିଲେ। ଉଦ୍ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପୁରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କ ଜିଜ୍ଞାସା ଭାବ ସେମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସଫଳ କରାଇବା ସହ ନୂତନ ଅନୁସନ୍ଧାନ କରିବାରେ ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା, ଗୋପ ବି ଇ ଓ ସୁଶୀଲ କୁମାର ବ୍ରହ୍ମା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନଭିତିକ ପ୍ରେରଣା ପ୍ରଦାନ କରିଥିଲେ। ତତ୍ ଉଭୟ ବାର୍ଷିକ ବିବରଣୀ ଓ ପ୍ରଦର୍ଶନୀ ବିବରଣୀ ଦୁଇଟିକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ ପାଠ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉଭୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଓ ତାଙ୍କର ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସାମଗ୍ରିକ ରୂପେ ପରିଚାଳିତ ହୋଇଥିଲା। ପୁରୀ ଜିଲ୍ଲାର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯେଉଁମାନେ କି ନିଜ ନିଜର ବିଦ୍ୟାଳୟ ମାନଙ୍କରେ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ସ୍ତରୀୟ ପ୍ରଦର୍ଶନୀ ଆୟୋଜକ କରିଥିଲେ, ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ କରି ଆୟୋଜନ କରାଯାଇଥିବା ସ୍ଥାନୀୟ ଅଂଚଳର କଳା ସଂସ୍କୃତି, ଆର୍ଟ ଓ କ୍ରାଫ୍ଟ ପ୍ରଦର୍ଶନୀ ସମସ୍ତଙ୍କର ମୁଖ୍ୟ ଆକର୍ଷଣ ଥିଲା। ଏହି ପ୍ରଦର୍ଶନୀରେ ' ଭାଗବତ ଟୁଙ୍ଗି ' ପ୍ରଦର୍ଶନ କରି ଅତିବଡ଼ି ଜଗନ୍ନାଥ ଦାସ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଂଶଗ୍ରହଣ କରିଥିବା ସମୁଦାୟ ୭୭ ଟି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ସାତୋଟି ଉପ ବିଭାଗରୁ 'ପୁରୀ ଜିଲ୍ଲା ସ୍କୁଲ୍, ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓ ଏ ଭି ନିମାପଡ଼ା, ସରକାରୀ ପ୍ରାଥମିକ ବିଦ୍ୟାଳୟ,ବାଙ୍ଗୁରିଗାଁ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, ଗୋପ ' ଏହି ସାତଗୋଟି ବିଦ୍ୟାଳୟର ପ୍ରକଳ୍ପ ଗୁଡ଼ିକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲା। ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ମଂଚ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ାକୁ ବନ୍ୟା ଓ ମରୁଡ଼ିରୁ ସୁରକ୍ଷା ପାଇଁ ଯୋଜନା ହେଉ

କେନ୍ଦ୍ରାପଡ଼ା, ୧୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅତି ପ୍ରବଳ ବନ୍ୟା ଓ ମରୁଡି ପ୍ରବଣ ଅଂଚଳ ଭାବେ ଆଇ.ଆଇ.ଟି. ଉଦ୍‌ବେଗ ଜନକ ରିପୋର୍ଟ ପ୍ରକାଶ କରିଛି। ସମଗ୍ର ଭାରତ ବର୍ଷରେ ୫୧ଟି ଜିଲ୍ଲା ଅତି ପ୍ରବଳ ବନ୍ୟା ଏବଂ ୯୧ଟି ଜିଲ୍ଲା ଅତି ପ୍ରବଳ ମରୁଡ଼ି ଅଂଚଳ ବୋଲି ଅନୁଧ୍ୟାନ ରିପୋର୍ଟରେ ଉଲ୍ଲେଖ ଅଛି। ଉକ୍ତ ରିପୋର୍ଟ କେନ୍ଦ୍ରାପଡ଼ା ଭଳି କୃଷି ବହୁଳ ଜିଲ୍ଲା ସ୍ଥାନିତ ହୋଇ ଅତି ସଂକଟଜନକ ଅବସ୍ଥା ସୃଷ୍ଟି କରୁଛି। ସମଗ୍ର ରାଜ୍ୟରେ ଆମ ଜିଲ୍ଲା ଅର୍ଥନୈତିକ ଦୃଷ୍ଟିରୁ ୨୭ତମ ସ୍ଥାନରେ ସ୍ଥାନିତ। କୃଷି ବହୁଳ ଜିଲ୍ଲା ହୋଇଥିଲେ ମଧ ଆନୁସଙ୍ଗୀକ ଭିତିଭୂମିର ଘୋର ଅଭାବ ଅଛି। ଜଳସେଚନ, ଜଳ ନିଷ୍କାସନ, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର, ଆବଶ୍ୟକୀୟ ଗୋଦାମ ଘରର ଅଭାବ ପରିଲକ୍ଷିତ ହେଉଛି। ଶିଳ୍ପ ବିହୀନ ଜିଲ୍ଲା, ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ର ଥିଲେ ମଧ ଭିତିଭୂମି ପ୍ରସ୍ତୁତ ହୋଇପାରୁ ନାହିଁ। ଯାହା ଉଦ୍‌ବେଗର ବିଷୟ। ଜଜାଙ୍ଗ ଠାରେ କୃଷି ଗବେଷଣା କେନ୍ଦ୍ର ସ୍ଥାପନ ହୋଇଥିଲେ ମଧ କୃଷି ବିଦ୍ୟାଳୟର ସଂପ୍ରସାରଣ କ୍ୟାମ୍ପସ୍ ଏଠାରେ ଆବଶ୍ୟକତା ରହିଛି। ଗଞ୍ଜାମର ରଙ୍ଗେଇଲୁଣ୍ଡା ଠାରେ କୃଷି ବୈଷୟିକ ବିଦ୍ୟାଳୟର ଅନ୍ୟ ଏକ କ୍ୟାମ୍ପସ୍ ଥିବାବେଳେ କେନ୍ଦ୍ରାପଡ଼ାରେ ଏହା ସଂପ୍ରସାରଣ ହେବାର ଆଗରୁ ଦାବି ହେଉଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଏବେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହାକୁ ମୁକାବିଲା କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଅଧ୍ୟାପକ ଅଜୟ ସାମଲ, ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀ, ଅଧ୍ୟାପକ ନନ୍ଦକିଶୋର ପରିଡ଼ା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ, ଡକ୍ଟର ଦିଲ୍ଲୀପ କୁମାର ମିଶ୍ର, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଆଦିକନ୍ଦ ରାଉଳ, ରାଜକୁମାର ବିଶ୍ୱାଳ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସଇଁତଳା ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣି

ବଲାଙ୍ଗୀର, ୧୭/୧୨ (ନି.ପ୍ର): ଡିସେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ସଇଁତଳା ବ୍ଲକ ମୁଖ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୮୨ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୬୧ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୨୧ଟି ସାମୁହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟାଗୁଡ଼ିକର ଶୁଣାଣୀ କରି ୧୭ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲାଗୁଡ଼ିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖେତ୍ରୀ , ସଇଁତଳା ବିଡିଓ ବିନୟ କୁମାର ଭୋଇ, ଆସିଷ୍ଟାଂଟ କଲେକ୍ଟର(ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୧୭/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସବ ଡିଭିଜନ ଜମନକିରା ବ୍ଲକ ଶାଖା ପକ୍ଷରୁ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ଉତ୍ସବ -୨୦୨୪ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୧୦ଟି ବିଭାଗର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶିକ୍ଷା ବିଭାଗର ଉନ୍ନତିରେ ହିଁ ରାଜ୍ୟର ଉନ୍ନତି ହେବ। ସେଥିପାଇଁ ଛାତ୍ର ଛାତ୍ରୀଙ୍କ ପ୍ରତିଭାର ଉନ୍ମୋଚନ ପାଇଁ ଶିକ୍ଷକ ସମାଜର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ ପଟେଲ ଓ ଝାସକେତନ ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଓଷ୍ଟା ର ବ୍ଲକ ସଭାପତି ଶଶି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବ୍ଲକ ସମ୍ପାଦକ ତଥା ଭାତ ପୁରା ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ରତନ ଲାଲ ସିଂ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ର କାର୍ଯ୍ୟକାରୀ ସଭାପତି ତଥା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ, ସିରିଡ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟେଲ ଶିଶୁ ଉତ୍ସବ ଆରମ୍ଭ ହେବାର ଇତିହାସ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବକ୍ତା ଗଣ ଓ ଷ୍ଟା ରେ ନୂତନ ନିଯୁକ୍ତ ଶିକ୍ଷକ ଗଣ ସାମିଲ ହୋଇ ଶିକ୍ଷକ ଏକତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହକାରୀ ଶିକ୍ଷକ ଖଗେଶ୍ୱର ନାଏକ ସଂଯୋଜନା କରିଥିଲେ। ଭଟପୁର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଯଥା ତର୍କ, ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତି, ଗଳ୍ପ ଲିଖନ, କବିତା ରଚନା, ସାଧାରନ ଜ୍ଞାନ, କୁଇଜ୍, ଏକକ ଅଭିନୟ ଓ ଏକକ ନୃତ୍ୟରେ ଅଂଶଗ୍ରହଣ କରି ପ୍ରଥମ ଓ ଦ୍ୱିତୀୟ ସ୍ଥାନିତ ଛାତ୍ର, ଛାତ୍ରୀ ଆସନ୍ତା ୨୪ ତାରିଖରେ ବୁଢ଼ାରଜା ହାଇସ୍କୁଲରେ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଘୋଷଣା କରିଥିଲେ।

# ୧୯ ତମ ବାଲେଶ୍ୱର ସ୍ୟାଣ୍ଡ୍ ଫେଷ୍ଟ'ରେ ସମ୍ବର୍ଦ୍ଧିତ ହେଲେ ପ୍ରକୃତି ପ୍ରେମୀ ତଥା ସମାଜସେବୀ ସୁମନ୍ତ ଜେନା



ବାଲେଶ୍ୱର , ୧୭/୧୨ (ନି.ପ୍ର): ବାଲେଶ୍ୱର ସହରର ଗାନ୍ଧୀ ସ୍ମୃତି ଭବନ ପରିସରରେ ୧୯ ତମ 'ସ୍ୟାଣ୍ଡ୍ ଫେଷ୍ଟ' ରେ ସମ୍ବର୍ଦ୍ଧିତ ହେଲେ ସମାଜସେବୀ ସୁମନ୍ତ କୁମାର ଜେନା। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ରବିବାର ଉଦଯାପିତ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ମୁଖ୍ୟ ବକ୍ତା ସଦର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା, ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ବରିଷ୍ଠ ସାମ୍ବାଦିକ ସତ୍ୟ ଶିବ ଦାସ ଶ୍ରୀଯୁକ୍ତ ଜେନାଙ୍କୁ ମାନପତ୍ର, ସାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପେଗରପଡ଼ା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା ଓ ବାସନ୍ତୀ ଜେନାଙ୍କ ସୁପୁତ୍ର ସୁମନ୍ତ କୁମାର ଜେନାଙ୍କ ପେଷା ବ୍ୟବସାୟ ନିଶା ସମାଜସେବା। ଅସହାୟଙ୍କୁ ସାହାଯ୍ୟ ପ୍ରଦାନ, ପରୋପକାର କାର୍ଯ୍ୟ, ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟ ସହ ଶହସ୍ରାଧିକ ବୃକ୍ଷ ରୋପଣ, ରକ୍ତଦାନ ଶିବିର ଆୟୋଜନ ତଥା ରକ୍ତ ଯୋଗାଡ ଅଭିଯାନର ଅଗ୍ରଣୀ ଯୋଦ୍ଧା ଭାବେ ସମାଜସେବାରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଜିଲ୍ଲା ତଥା ରାଜ୍ୟରୁ ରାଜ୍ୟ ସରକାର ଏବଂ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସ୍ୟାଣ୍ଡ୍ ଫେଷ୍ଟ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବୁଦ୍ଧିଜୀବୀ ତଥା ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଫୁଲବାଣୀରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କନ୍ଧମାଳ, ୧୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଏବଂ ଦୌରାଜଜ୍ ଅଦାଲତରେ ଚଳିତ ମାସ ୧୪ ତାରିଖ ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୭୯ଗୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୮ଲକ୍ଷ ୭୬ ହଜାର ୩୪୭ ଟଙ୍କା ଆଦାୟ କରାଯାଇଥିବାବେଳେ, ୭ଗୋଟି ଅନ୍ୟାନ୍ୟ (ବି.ଏସ୍.ଏନ୍.ଏଲ୍.) ମାମଲା ବିଚାର କରାଯାଇ୨୬ ହଜାର ୫୨୦ ଟଙ୍କା ଆଦାୟ କରାଯାଇଛି ଏବଂ ୦୯ଟି ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ(ପି.ଏଲ୍.ଏ.) ମାମଲା ବିଚାର କରାଯାଇ ସମାଧାନ କରାଯାଇଛି। ସେହିପରି, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୧୧ଟି ଅପରାଧିକ କମ୍ପାଉଣ୍ଡେବଲ୍ ମାମଲା ବିଚାର କରାଯାଇ ସାମାଧାନ କରାଯାଇଥିବାବେଳେ ଧାରା ୧୩୮ ଅଧିନରେ ୨ଟି ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୩ଲକ୍ଷ ୮୬ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି, ୪ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୬ ଲକ୍ଷ ୯୭ ହଜାର ଟଙ୍କା ଆଦାୟ କରାଯାଇଛି। ୧ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୩ ଲକ୍ଷ ଟଙ୍କା ଆଦାୟ କରାଯାଇଥିବାବେଳେ, ୫ଗୋଟି ବୈବାହିକ ବିବାଦ(ଛାଡପତ୍ର ବ୍ୟତିତ)/ପାରିବାରିକ କଳହ ସମାଧାନ କରି ୩ଲକ୍ଷ ୫୪ହଜାର ଟଙ୍କା ଆଦାୟ କରାଯାଇଛି। ୩୯୭ ଗୋଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା(ବିଭିନ୍ନ ରାଜସ୍ୱ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ) ଏବଂ ୪ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ବିଚାର କରାଯାଇ ସମାଧାନ କରାଯାଇଛି ଏବଂ ୯୪ଟି ଅନ୍ୟାନ୍ୟ ଅପରାଧିକ ମାମଲାର ବିଚାର କରାଯାଇ ୪ଲକ୍ଷ ୮୦ହଜାର ୨୦୦ଟଙ୍କା ଆଦାୟ କରାଯାଇଛି। ଆଜିରଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୯୫ଟି ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୫୦୭ଟି ମାମଲାର ଫଇସଲା କରାଯାଇଥିବା ଜଣାପଡ଼ିଛି। ସତ୍ୟପିର ମିଶ୍ର, ଜିଲ୍ଲା ଓ ଦୋରା ଜଜ୍, ଫୁଲବାଣୀ, ଶ୍ରୀ ଦେବଦ ଦାସ ମହାପାତ୍ର, ପାରିବାର ଅଦାଲତ, ଫୁଲବାଣୀ, ଶ୍ରୀ ଦୋଳଗୋବିନ୍ଦ ବାରିକ, ବିଚାରପତି, ସ୍ଥାୟୀ ଲୋକ ଅଦାଲତ, ଫୁଲବାଣୀ, ଶ୍ରୀମତୀ ବନାଳୀ ତ୍ରିପାଠୀ,ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଫୁଲବାଣୀ, ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର, ବିଚାରପତି, ମହିଳା ଅଦାଲତ, ଫୁଲବାଣୀ, ଶ୍ରୀମତୀ ନିତିଶା ଚନ୍ଦକ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ, ଶ୍ରୀମତୀ ଅନୁଶୀଲା ରୟ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଶ୍ରୀମତୀ ସମୃଦ୍ଧି ସାଗରୀକା ବାରିକ, ଏସ୍.ଡି.ଜେ.ଏମ୍, ଫୁଲବାଣୀଙ୍କ ଇଜ୍ଲାସରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀର ସମସ୍ତ କର୍ମଚାରୀଙ୍କ ସହାୟତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪ ସଫଳ ହୋଇଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ନରସିଂହ ଚରଣ ପଣ୍ଡା ବାଗ୍‌ଦେବୀ ସମ୍ମାନ-୨୦୨୪ ପାଇଁ ମନୋନୀତ

ଜୟପୁର, ୧୭/୧୨ (ନି.ପ୍ର): କେଶବ-ସୁଭଦ୍ରା ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ସମ୍ମାନଜନକ ବାଗଦେବୀ ସମ୍ମାନ-୨୦୨୪ ପାଇଁ ମନୋନୀତ କରାଯାଇଛି। ଏହି ସମ୍ମାନ ସଂସ୍କୃତର ସଂରକ୍ଷଣ ଏବଂ ପ୍ରସାରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଏହାର ଜ୍ଞାନକୁ ବିଦେଶରେ ବିସ୍ତାର କରିବା ପାଇଁ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଉଛି। ପ୍ରଫେସର ପଣ୍ଡାଙ୍କ ଚମତ୍କାର କ୍ୟାରିୟରରେ ଦୀର୍ଘ ଦଶନ୍ଧି ଧରି ଚାଲିଛି ଶିକ୍ଷାଦାନ ଓ ଗବେଷଣା। ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟରତ ଅଛନ୍ତି। ସେ ବର୍ତ୍ତମାନ ଭାଷା ବିଦ୍ୟାଳୟର ଡିନ୍, ସଂସ୍କୃତ ବିଭାଗରେ ପ୍ରଫେସର ଏବଂ କାର୍ଯ୍ୟକାରୀ ରେଜିଷ୍ଟ୍ରାର ଭାବରେ କାର୍ଯ୍ୟ କରୁଛନ୍ତି। ସେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳପତି ଏବଂ କାର୍ଯ୍ୟକାରୀ ଫାଇନାନ୍ସ ଅଫିସର ଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ କାର୍ଯ୍ୟ କରିଛନ୍ତି। ପ୍ରଫେସର ପଣ୍ଡାଙ୍କ ଶିକ୍ଷାଗତ ଯାତ୍ରାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଉଲ୍ଲେଖନୀୟ କାର୍ଯ୍ୟକାଳ ରହିଛି, ଯାହା ତାଙ୍କୁ ବ୍ୟାପକ ଭାବେ ପ୍ରଶଂସିତ କରିଥିଲା। ଥାଇଲାଣ୍ଡ ଏବଂ ମରିସସରେ ପ୍ରଫେସର ଭାବରେ ଚାରି ବର୍ଷର ସେବା ସହିତ ବିଦେଶରେ ତାଙ୍କର ଅବଦାନ ମଧ ସମାନ ଭାବରେ ପ୍ରଶଂସନୀୟ, ଯେଉଁଠାରେ ସେ ସଂସ୍କୃତ ବୃତିରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ସଂସ୍କୃତ ପ୍ରତି ତାଙ୍କର ସମର୍ପଣ ପାଇଁ ଏହି ବିଦ୍ୱାନଙ୍କୁ ସମ୍ମାନଜନକ ସଂସ୍କୃତ ମହାମହପାଧ୍ୟାୟ ପୁରସ୍କାର ସମେତ ଅନେକ ପ୍ରଶଂସା ମିଳିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ତାଙ୍କ ଜୀବନ ଓ କାର୍ଯ୍ୟ ବିଦ୍ୟାର୍ଥୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛି। ଆସନ୍ତା ଜାନୁଆରି ୧୯ ତାରିଖରେ ପୁରୀ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏକ ସମାରୋହରେ ପ୍ରଫେସର ପଣ୍ଡାଙ୍କୁ ବାଗଦେବୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯିବ।

# ଧର୍ମଶାଳା ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ

ଧର୍ମଶାଳା, ୧୭/୧୨ (ନି.ପ୍ର): ଯାଜପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆଜି ଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଆଜି ସକାଳୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଶିଷ୍ଟ ପଣ୍ଡିତ ଯୋଗ ଦେଇ ପୂଜାର୍ଚ୍ଚନା କରିବା ପରେ ମଣ୍ଡପରେ କଳସ ସ୍ଥାପନା ପରେ ପୂଜା କର୍ମ ଆରମ୍ଭ ହୋଇଥିଲା। ତେବେ ୨୫ ତାରିଖ ଠାରୁ ଧର୍ମଶାଳା ମହୋତ୍ସବ ଆରମ୍ଭ ହେବ। ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ପୂଜା ମଣ୍ଡପ ଆଲୋକ ସଜ୍ଜା ବେଶ୍ ମନୋରମ ହୋଇଛି।

# ଦୂର କରନ୍ତୁ 'ମନ୍‌ଡେ ବ୍ଲୁ'



**ୱିକେଣ୍ଡ ଗୁଡ଼ିକ ଖୁବ ଶୀଘ୍ର କଟିଯାଏ। ସୋମବାର ପୁଣି କେତେବେଳେ ଆସିଯାଏ ଜଣାପଡ଼େନି। ନିଦରୁ ଉଠି ଅଫିସ ଯିବାକୁ ହେବ ବୋଲି ଭାବିଲା ମାତ୍ରେ ମିଜାଜ ବିଗିଡ଼ିଯାଏ। ଅଫିସ ଯାଇ ମଧ୍ୟ କାମରେ ମନ ଲାଗେନାହିଁ। ଲଞ୍ଚ ସମୟ ପର୍ଯ୍ୟନ୍ତ ନିଦୁଆ ନିଦୁଆ ଲାଗେ। କେବଳ ଆପଣ ନୁହନ୍ତି, ଅନେକ ଲୋକ ସୋମବାର କାର୍ଯ୍ୟରେ ଯୋଗ ଦେବା କଥା ଭାବିବା ମାତ୍ରେ ଛାନିଆ ହୁଅନ୍ତି। ଏହାକୁ ମନସ୍ତାତ୍ତ୍ୱିକ ଭାଷାରେ କୁହାଯାଏ 'ମନ୍‌ଡେ ବ୍ଲୁ'। ଜାଣନ୍ତୁ 'ମନଡେ ବ୍ଲୁ' ଦୂର କରିବାର ଉପାୟ।**

- କାଉଣ୍ଟଡାଉନ୍ ଆରମ୍ଭ କରନ୍ତୁ। ଆଜି ସୋମବାର, ମାନେ ଆଉ ୫ଦିନ। ଏହାପରେ ଆପଣ ପୁଣିଥରେ ଉପଭୋଗ କରିପାରିବେ ୱିକେଣ୍ଡ୍। ବିଭିନ୍ନ କର୍ପୋରେଟ୍ ସେକ୍ଟରର ୫ ଦିନିଆ ୱିକେଣ୍ଡ୍ ହୋଇଥାଏ।

- ସୋମବାର ସକାଳୁ ଉଠି ଅଫିସ ଯିବା କଥା ଭାବିଲେ ମୁଡ୍ ଅଫ୍ ହୋଇଯାଏ। ଅଫିସ କଥା ନଭାବି ଭାବନ୍ତୁ ୱିକେଣ୍ଡ୍‌କୁ ଆପଣ କେମିତି ଉପଭୋଗ କଲେ। ମଜା କରି ବା ଆରାମ କରି କିପରି ଛୁଟି କାଟିଛନ୍ତି ସେ କଥା ମନେ ପକାଇବାକୁ ଚେଷ୍ଟା କଲେ ମନ ଭଲ ହୋଇଯିବ। ଥରେ ମୁଡ୍ ଭଲ ହୋଇଗଲେ ଦେଖିବେ ଆପଣଙ୍କର ଯିବାକୁ ବିଶେଷ ସମସ୍ୟା ହେବନାହିଁ।

- ନିଜର କାମ ନେଇ ସକାରାତ୍ମକ ଭାବନା ରଖନ୍ତୁ। ଭଲ ଓ ବିଳାସବ୍ୟସନରେ ବଂଚିବା ପାଇଁ ଅର୍ଥଟା ଆବଶ୍ୟକ ରହିଛି। ଆଉ ଏହି ଅର୍ଥ ଆପଣ ଚାକିରି କ୍ଷେତ୍ରରୁ ଆସୁଛି। ତେଣୁ କାମ କରିବା କ୍ଷେତ୍ରରେ ସକାରାତ୍ମକ ମନୋଭାବ ସୃଷ୍ଟି କରନ୍ତୁ। ଦେଖିବେ ସୋମବାର କଥା ଭାବିଲେ ଆଉ ମନଦୁଃଖ ହେବନି।

- ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ୱିକେଣ୍ଡ୍ ଛୁଟି କଥା ଚିନ୍ତା କରିପାରନ୍ତି ନାହିଁ। ସାମ୍ବାଦିକ, ଚିକିତ୍ସକ ବା କଲସେଣ୍ଟର୍‌ରେ ଚାକିରି କରିଥିବା ଲୋକମାନଙ୍କୁ ରବିବାରରେ ବି ଅଫିସ ଯିବାକୁ ପଡ଼ିଥାଏ । ଥରେ ଭାବନ୍ତୁ ତ ସେମାନଙ୍କ ତୁଳନାରେ ଆପଣ କେତେ ଭାଗ୍ୟବାନ।

- ମନ୍‌ଡେ ବ୍ଲୁ ବିଷୟଟି ସମ୍ପୂର୍ଣ୍ଣ ଭାବେ ମାନସିକ। ସପ୍ତାହରେ ପ୍ରଥମଦିନ। ତେଣୁ ଦିନେ ବା ଦୁଇଦିନ ଛୁଟି କାଟିବା ପରେ ପୁଣିଥରେ କାମରେ ଯୋଗଦେବା ପାଇଁ ମନକୁ ପ୍ରସ୍ତୁତ କରିବାକୁ ସମୟ ଲାଗେ।



# ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଆର୍ଯ୍ୟଭଟ



**ଜ୍ଞାନ-ବିଜ୍ଞାନର ମହନୀୟ ଭୂମି ପବିତ୍ର ଭାରତବର୍ଷ । ପ୍ରାଚୀନ ଭାରତର ମୁନୀ, ଋଷି ଏବଂ ବୈଜ୍ଞାନିକମାନେ ସେମାନଙ୍କ ମହାନ ସାଧନା ବଳରେ ଯେଉଁ ଉଦ୍ଭାବନ ଓ ଆବିଷ୍କାର ସବୁ କରିଯାଇଛନ୍ତି, ସେଗୁଡ଼ିକ ଆଜି ବି ଉପାଦେୟ ସାବ୍ୟସ୍ତ ହୋଇପାରିଛି ।**

ବିଦ୍ୱାନଙ୍କ ଦେଶ ଭାରତ: ପ୍ରାଚୀନ ଭାରତବର୍ଷର ବିଦ୍ୱାନ ଆର୍ଯ୍ୟଭଟ୍ଟ ଏକାଧାରରେ ଥିଲେ ଜଣେ ମହାନ ବୈଜ୍ଞାନିକ, ବିଚକ୍ଷଣ ଗଣିତଜ୍ଞ ଓ ଜ୍ୟୋର୍ତିବିଜ୍ଞାନୀ । ୪୭୬ ଖ୍ରୀଷ୍ଟାବ୍ଦରେ ମଗଧ ଅନ୍ତର୍ଗତ ପାଟଳୀପୁତ୍ରରେ ଆର୍ଯ୍ୟଭଟ୍ଟଙ୍କ ଜନ୍ମ। ଭାରତର ସୁବର୍ଣ୍ଣଯୁଗ ବୋଲାଉଥିବା ଗୁପ୍ତ ଶାସନ ସମୟରେ ହିଁ ସେନିଜର ଗବେଷଣା ଆରମ୍ଭ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ ଆର୍ଯ୍ୟଭଟ୍ଟୀୟ ନାମକ ଏକ ଗବେଷଣା ଲବ୍ଧ ଗ୍ରନ୍ଥ। ଜ୍ୟୋତିର୍ବିଜ୍ଞାନ, ତ୍ରିକୋଣମିତି, ଗଣିତ ବା ଏରିଥମେଟିକ୍, ବୀଜଗଣିତ ବା ଆଲଜେବ୍ରା ଏବଂ ସମତଳ ତ୍ରିକୋଣମିତି ଆଦି ବିଷୟରେ ନାନାଦି ଦୁର୍ଲଭ ସୂତ୍ରାବଳୀ ଉପସ୍ଥାପନ କରାଯାଇଥିଲା ଉକ୍ତ ପୁସ୍ତକରେ। ଗଣିତ ସହିତ ଜ୍ୟୋତିବିଜ୍ଞାନର ସମ୍ପର୍କ ସ୍ଥାପନ କରିବାରେ ସେ ଥିଲେ ବିଶ୍ୱର ପ୍ରଥମ ବିଦ୍ୱାନ ବ୍ୟକ୍ତିତ୍ୱ। ତ୍ରୟୋଦଶ ଶତାବ୍ଦୀରେ ଉକ୍ତ ପୁସ୍ତକଟି 'ଲାଟିନ୍' ଭାଷାରେ ଅନୁଦିତ ହେବା ପରେ ପାଶ୍ଚାତ୍ୟ ଦେଶର ଗଣିତଜ୍ଞମାନେ ଏସବୁ ବିଷୟରେ ଜାଣିବାକୁ ସକ୍ଷମ ହୋଇଥିଲେ। 'ଆର୍ଯ୍ୟଭଟ୍ଟୀୟ' ପୁସ୍ତକର ସୂତ୍ରାବଳୀକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ତ୍ରିଭୁଜଙ୍କର କ୍ଷେତ୍ରଫଳ, ଗୋଲକର ଆୟତନ ତଥା ବର୍ଗମୂଳ ଓ ଘନମୂଳ ନିର୍ଣ୍ଣୟ ପଦ୍ଧତିର ସୂତ୍ରପାତ ହୋଇଥିଲା । ସେ ପ୍ରଦାନ କରିଯାଇଥିବା ତ୍ରିଭୁଜ ଏବଂ ବୃତ୍ତ ସମ୍ବନ୍ଧୀୟ ସୂତ୍ରାବଳୀ, ପାଇର ମୂଲ୍ୟ, ତ୍ରିକୋଣମିତି ସମ୍ବନ୍ଧୀୟ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେଉଛି।

ଜ୍ୟୋତିର୍ବିଜ୍ଞାନ ତଥ୍ୟ: ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନେକ ଅନାଲୋଚିତ ଦିଗ ଓ ତଥ୍ୟ ଆବିଷ୍କାର କରିଥିଲେ ଆର୍ଯ୍ୟଭଟ୍ଟ । ପୃଥିବୀ ଗୋଲାକାର ଏବଂ ଏହା ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ସହ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ମଧ୍ୟ ପରିଭ୍ରମଣ କରୁଛି ବୋଲି ଆର୍ଯ୍ୟଭଟ୍ଟ ହିଁ ପ୍ରଥମେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଏତଦ୍ ବ୍ୟତୀତ ଦିବାରାତ୍ର ହେବାର ତଥ୍ୟ, ଋତୁ ପରିବର୍ତ୍ତନର କାରଣ ସଂପର୍କରେ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ । ଚନ୍ଦ୍ର ପୃଥିବୀର ଉପଗ୍ରହ ଓ ଏହା ପୃଥିବୀ ଚାରି ପଟେ ପରିଭ୍ରମଣ କରୁଥିବା ତଥା ନିଜସ୍ୱ ଆଲୋକ ନ ଥାଇ ଏହା ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହେଉଥିବା କଥା ସେ ହିଁ ପ୍ରଥମେ ସମଗ୍ର ପୃଥିବୀବାସୀଙ୍କୁ ଜଣାଇଥିଲେ । ଏତଦ୍‌ବ୍ୟତୀତ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ, ପୃଥିବୀର ପରିସୀମା, ବର୍ଷ ଗଣନା, ମାଧ୍ୟାକର୍ଷଣ ଶକ୍ତି ଇତ୍ୟାଦିର ସଠିକ୍ ତଥ୍ୟ ମଧ୍ୟ ଆର୍ଯ୍ୟଭଟ୍ଟଙ୍କ ଗବେଷଣାର ଅଂଶବିଶେଷ ଥିଲା । ତାଙ୍କ ଦ୍ୱାରା ଲିଖିତ 'ଆର୍ଯ୍ୟସିଦ୍ଧାନ୍ତ' ଗ୍ରନ୍ଥ ବହୁ ଜ୍ୟୋତିବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସହ ହିନ୍ଦୁ କ୍ୟାଲେଣ୍ଡର ପ୍ରସ୍ତୁତିରେ ସହାୟକ ହେଉଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ବିଶ୍ୱ ଯେଉଁ ବୈଜ୍ଞାନିକମାନଙ୍କୁ ଉପରୋକ୍ତ ଆବିଷ୍କାର ପାଇଁ ଶ୍ରେୟ ପ୍ରଦାନ କରୁଛି, ସେମାନଙ୍କ ଠାରୁ ହଜାରେ ବର୍ଷ ପୂର୍ବରୁ ଭାରତୀୟ ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଏସବୁର ନିର୍ଭୁଲ ତଥ୍ୟ ପ୍ରଦାନ କରିଯାଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ପୃଥିବୀର ଇତିହାସ ଲେଖିଥିବା ଐତିହାସିକଗଣ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନର ପ୍ରକୃତ ମହତ୍ତ୍ୱ ଆଜି ପ୍ରତିପାଦିତ ହୋଇପାରୁନାହିଁ। ପ୍ରାଚୀନ ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକଙ୍କ ମହତ୍ତ୍ୱର ସମୟୋଚିତ ପ୍ରଚାର ଓ ପ୍ରସାର କରାଗଲେ ଏହା ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରମାଣିତ ହୋଇପାରିବ ।







# ମୋଟ ବୟସ ବନାମ ସ୍ୱାସ୍ଥ୍ୟ ବୟସ: ମାଂସପେଶୀ କ୍ଷୟହ୍ରାର୍ କମାଇବା ଜରୁରି

ବିଗତ ଏକ ଶତାବ୍ଦୀ ହେଲା ବିଭିନ୍ନ କାରଣରୁ ଆମର ଜୀବନଧାରଣ କ୍ଷମତା ନାଟକୀୟ ଭାବେ ବୃଦ୍ଧି ପାଇଛି। ତାହାର ପ୍ରମୁଖ କାରଣ ହେଉଛି ପରିମଳ, ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଔଷଧପତ୍ରରେ ଉନ୍ନତି ଯାହା ବିଶେଷ କରି ଯୁବପିଢ଼ିଙ୍କ ମୃତ୍ୟୁ ହାରକୁ କମାଇଦେଇଛି। ବିଂଶ ଶତାବ୍ଦୀରେ ଏପରି ହାରାହାରି ବୟସ ବୃଦ୍ଧି ମାନବଜାତିର ଅନ୍ୟତମ ଶ୍ରେଷ୍ଠ ଉପଲବ୍‌ଧି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ 'ମୋଟ ବୟସ' ବା ଜନ୍ମଠାରୁ ମୃତ୍ୟୁ ମଧ୍ୟରେ ରହିଥିବା ବୟସର ବ୍ୟବଧାନ ଏବଂ 'ସ୍ୱାସ୍ଥ୍ୟ ବୟସ' ବା ସୁସ୍ଥ ସବଳ ହୋଇ ବଞ୍ଚି ରହିବାର ଅବଧି ଭିତରେ ପାର୍ଥକ୍ୟ ରହିଛି।

ବୟସ୍କ ଲୋକମାନେ ସାଧାରଣତଃ ଦୁର୍ବଳ ସ୍ୱାସ୍ଥ୍ୟ ସହ ଅଧିକ ସମୟ ବିତାଉଛନ୍ତି, ଯାହା ଏକ ପ୍ରମୁଖ ସ୍ୱାସ୍ଥ୍ୟ ବୋଝକୁ ଇଙ୍ଗିତ କରୁଛି। ପରିଣତ ବୟସରେ ଏକ ସ୍ୱାଧୀନ ଜୀବନଶୈଳୀ ବିତାଇବା ହିଁ ଜଣକର ଜୀବନର ମାନକୁ ଉଚ୍ଚ ରଖିଥାଏ। ତେବେ ବୟସ୍କଙ୍କର ମାଂସପେଶୀ, ତାହାର ଦୃଢ଼ତା ଓ କ୍ରିୟାଶୀଳତାରେ ଅବନତି ହେଉଛି ବୟସ୍କ ଲୋକଙ୍କ 'ସ୍ୱାସ୍ଥ୍ୟ ବୟସ' ହ୍ରାସର ପ୍ରମୁଖ କାରଣ। ମନୁଷ୍ୟର ଅଙ୍ଗଭଙ୍ଗୀ ଓ ଚଳପ୍ରଚଳନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ମାଂସପେଶୀ ଶରୀରର ସମଗ୍ର ଗଠନରେ ଅବଦାନ ରଖିବା ସହ ଶର୍କରା ଓ ଚର୍ବିର ଏକ ଗୁରୁତ୍ୱପୂର୍ଣ୍ଣ ଭଣ୍ଡାର ସାଜିଥାଏ। ଆମେ ବୟସର ପଞ୍ଚଦଶକରେ ଉପନୀତ ହେଲା ପରେ ଆମର ମାଂସପେଶୀଗୁଡ଼ିକ ବର୍ଷକୁ ଏକ ପ୍ରତିଶତ ହାରରେ କ୍ଷୟପ୍ରାପ୍ତ ହେବାକୁ ଲାଗିଥାଏ ଏବଂ ତାହାର ଦୃଢ଼ତା ବର୍ଷକୁ ତିନି ପ୍ରତିଶତ ହାରରେ କମିଥାଏ। ଏହା ଶରୀରରେ ବିଭିନ୍ନ ପ୍ରକାର ନକାରାତ୍ମକ ପରିବର୍ତ୍ତନ ଘଟାଇଥାଏ। ସୁତରାଂ ଜଣକର ସ୍ୱାସ୍ଥ୍ୟ ବୟସ ବଜାୟ ରଖିବା ବା ପରିବର୍ଦ୍ଧିତ କରିବା ପାଇଁ ଆମର ମାଂସପେଶୀ ଓ ତାହାର ଦୃଢ଼ତାକୁ ବଜାୟ ରଖିବାକୁ ହେବ।



# ଶୀତଦିନେ ଖାଆନ୍ତୁ ମୂଳା ପତ୍ର, ମିଳିବ ଅନେକ ରୋଗରୁ ମୁକ୍ତି

**ଶୀତ ଦିନେ ବଜାରରେ ମୂଳା ଓ ଏହାର ପତ୍ର ପ୍ରବଳ ମାତ୍ରାରେ ମିଳିଥାଏ । ଏହି ଶୀତ ଦିନିଆ ପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଜାଣନ୍ତୁ ମୂଳା ପତ୍ର ଖାଇବା ଦ୍ୱାରା କଣ ଫାଇଦା ମିଳିଥାଏ...**

ମୂଳା ଓ ଏହାର ପତ୍ର ଅତ୍ୟନ୍ତ ପୁଷ୍ଟିକର ପରିବା ବୋଲି ସମସ୍ତେ ଜାଣନ୍ତି । ଏମିତିରେ ଶୀତ ଦିନେ ବଜାରରେ ମୂଳା ଓ ଏହାର ପତ୍ର ପ୍ରବଳ ମାତ୍ରାରେ ମିଳିଥାଏ । ଏହି ଶୀତ ଦିନିଆ ପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ଥିବା ପୋଷଣ ତତ୍ତ୍ୱ ଅନେକ ରୋଗରୁ ରକ୍ଷା କରିଥାଏ । ତେବେ ଅନେକ ଲୋକ ମୂଳା ଖାଇବାକୁ ପସନ୍ଦ କରନ୍ତି । କିଛି ଲୋକ ମୂଳାକୁ ସାଲାଡ ରୂପେ ଖାଇଥାନ୍ତି ତ ଆଉ କେହି ମୂଳା ପତ୍ରକୁ ତରକାରୀ ଓ ଭଜା ଭାବେ ଖାଇବାକୁ ଭଲ ପାଆନ୍ତି । ଏମିତି ବି କିଛି ଲୋକ ଅଛନ୍ତି ଯାହାଙ୍କୁ ମୂଳା ଖାଇବା ଆଦୌ ପସନ୍ଦ ନୁହେଁ । ହେଲେ ଏହାର ଶରୀର ପ୍ରତି ଥିବା ଲାଭକୁ ଜାଣିଲେ ଆପଣ ବି ପ୍ରତିଦିନ ମୂଳା ପତ୍ର ଖାଇବା ଆରମ୍ଭ କରିବେ । ମୂଳା ପତ୍ରରେ ଭିଟାମିନ ଏ, ବି, ସି ସହିତ କ୍ୟାଲସିୟମ, ଆଇରନ, ମ୍ୟାଗ୍ନିସିୟମ, ଜିଙ୍କ, ପୋଟାସିୟମ, ଫସଫରସ ଭଳି ମିନେରାଲ ରହିଛି ଯାହା ଆମର ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ଲାଭାଦୟକ ହୋଇଥାଏ । ହଜମ କରିବାରେ ସାହାଯ୍ୟ କରେ: ମୂଳା ଅନେକ ପୋଷକ ତତ୍ତ୍ୱର ଭଣ୍ଡାର ରହିଛି । ବିଶେଷ କରି ଏଥିରେ ଫାଇବର ଭରପୂର ମିଳିଥାଏ । ଏହା ଆପଣଙ୍କ ହଜମ କରିବା ପ୍ରକ୍ରିୟାକୁ ଉନ୍ନତ କରି କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ । ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ: ମଧୁମେହ ନିୟନ୍ତ୍ରଣ: ମଧୁମେହକୁ ନିୟନ୍ତ୍ରଣ କରିବାରେ ମୂଳା ପତ୍ର ବେଶ୍ ଉପଯୋଗୀ ହୋଇଥାଏ । ମୂଳା ପତ୍ରରେ ଭରପୂର ଫାଇବର ମିଳିଥାଏ । ଏହା ଇନସୁଲିନ ସ୍ତରକୁ ସନ୍ତୁଳିତ କରି ମଧୁମେହ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ତେଣୁ ମଧୁମେହ ରୋଗୀଙ୍କୁ ନିୟମିତ ମୂଳା ପତ୍ର ଖାଇବାକୁ ପରାମର୍ଶ ଦିଆଯାଇଥାଏ।

ହାଡକୁ ମଜଭୁତ କରେ: ମୂଳା ପତ୍ରରେ କ୍ୟାଲସିୟମ ଓ ଅନ୍ୟ ଖଣିଜ ସାର ରହିଥାଏ । ଏହା ଆପଣଙ୍କ ହାଡକୁ ସୁସ୍ଥ ଓ ମଜଭୁତ ରଖିବାରେ ସହାୟକ ହୋଇଥାଏ । ତେଣୁ ମୂଳା ପତ୍ର ନିହାତ ଆବଶ୍ୟକ ରହିଛି।

ଓଜନ ହ୍ରାସ କରିବାରେ ସାହାଯ୍ୟ କରେ: ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ମୂଳା ପତ୍ର ଖାଇବା ଭଲ । କାରଣ ଏଥିରେ କମ୍ କ୍ୟାଲୋରୀ ଓ ଅଧିକ ଫାଇବର ଥାଏ । ହାଇ ଫାଇବରଯୁକ୍ତ ଖାଦ୍ୟ ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ ଓ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ। ଯାହାକି ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ।



ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: ମୂଳାପତ୍ରରେ ଥିବା ଜରୁରୀ ପୋଷଣ ତତ୍ତ୍ୱ ଇମ୍ୟୁନିଟି ସିଷ୍ଟିମକୁ ମଜଭୁତ କରେ । ଫଳରେ ଶୀତ ଦିନେ ହେଉଥିବା ଥଣ୍ଡା, କାଶ ସମେତ ବିଭିନ୍ନ ସଂକ୍ରମଣରୁ ରକ୍ଷା ମିଳିଥାଏ । ଏହା ଆମର ମସ୍ତିଷ୍କ ଓ ହୃଦୟ ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ ହୋଇଥାଏ । ମୂଳା ପତ୍ରରେ ନାଇଟ୍ରେଟ ଥାଏ ଯାହାକି ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ସୁଧାର ଆଣିପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୮ ନଭେମ୍ବର ୨୦୨୪, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ବିଧାନର ଅବତାରଣା...

ସମ୍ବିଧାନ ଯଦି ରକ୍ତମାଂସଧାରୀ ଉପାଦାନଟିଏ ହୋଇଥା'ନ୍ତା ବୋଧହୁଏ ସ୍ୱାଧୀନ ଭାରତରେ ସବୁଠାରୁ ଯନ୍ତ୍ରଣାସିକ୍ତ ଭାବେ ସମବେଦନାର ପାତ୍ର ହୁଅନ୍ତା। ବିଡ଼ମ୍ବନା ହେଲା ସମ୍ବିଧାନକୁ ଯନ୍ତ୍ରଣାସିକ୍ତ କରୁଥିବା ତତ୍ତ୍ୱମାନେ ତା' ନିଜର, ତା'କୁ ଜନ୍ମ ଦେଇଥିବା ସେହି ମହାନ୍ ଜ୍ଞାନୀ, ପଣ୍ଡିତ, ବିଶାରଦମାନଙ୍କର ଦାୟାଦ। ପୂର୍ବପୁରୁଷଙ୍କ କୋଠ ସମ୍ପତ୍ତିର ଭାଗବଣ୍ଟା ନେଇ ଉତ୍ତରପିଢ଼ି ନିଜ ନିଜ ଭିତରେ ଲଢ଼ିବା ପରି ଆଜି ସମ୍ବିଧାନର ମୌଳିକ ମୂଲ୍ୟବୋଧ ସୁରକ୍ଷାର ଶ୍ରେୟ ନେବା ପାଇଁ ରାଜନୈତିକ ଆଦର୍ଶବାଦ ଆଧାରରେ ଲଢ଼େଇ ଆରମ୍ଭ ହୋଇଯାଇଛି। କାଲି ଯିଏ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷତାକ୍ତ କରିଥିଲା ଆଜି ସେ ତା'ର ସୁରକ୍ଷା ଦାବି କରୁଛି। ପୁଣି ଆଜି ଯିଏ ସମ୍ବିଧାନର ସୁରକ୍ଷା କବଚ ବୋଲି ଦାବି କରୁଛି ସେ ତା' ନିଜ ସୁବିଧା ଅନୁଯାୟୀ ସେହି ମୂଲ୍ୟବୋଧ, ଗରିମା ଓ ପରମ୍ପରାକୁ ମାଡ଼ିମକଚି ବିକୃତ କରିଦେଉଛି। ବାମ ଓ ଦକ୍ଷିଣ ଅଙ୍ଗ ଯଦି ପରସ୍ପରକୁ ଆକ୍ରମଣ କରନ୍ତି ତେବେ ତା'ର ପୀଡ଼ା କେବଳ ଶରୀର ହିଁ ସହେ। ରକ୍ତ, ମାଂସ, ଶ୍ୱାସ ବିହୀନ ଅଥଚ ପ୍ରାଣବନ୍ତ ଭାରତୀୟ ସମ୍ବିଧାନଟି ଏବେ ସେଭଳି ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରୁଥିବ, ଯେତେବେଳେ ସଂସଦରେ ସମ୍ବିଧାନକୁ ମଝିରେ ରଖି ଉଭୟ ପକ୍ଷ ପରସ୍ପରକୁ ନିନ୍ଦା ଓ ଅପବାଦର ଶବ୍ଦବାଣରେ କ୍ଷତାକ୍ତ କରିବାକୁ ଚେଷ୍ଟା କରିଥିବେ। ସମ୍ବିଧାନର ମୌଳିକତା ଓ ମୂଲ୍ୟବୋଧର ସୁରକ୍ଷା ପ୍ରସଙ୍ଗ ଉପରେ ସଂସଦରେ ଆରମ୍ଭ ହୋଇଥିବା ଆଲୋଚନା ସମୟୋପଯୋଗୀ ଓ ଯଥାର୍ଥ ନିଶ୍ଚୟ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବବୃହତ୍ ସମ୍ବିଧାନ ସମ୍ବନ୍ଧରେ ୧୪୦ କୋଟିରୁ ଅଧିକ ଜନତାଙ୍କ ପ୍ରତିନିଧିତ୍ୱ କରୁଥିବା ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନଙ୍କ ଦୃଷ୍ଟିଭଙ୍ଗୀ ସାରା ବିଶ୍ୱ ଦେଖୁଛି ଓ ଶୁଣୁଛି। ସଂସଦର ଏହି ମହାନ୍ ଉଦ୍ଦେଶ୍ୟଭିତ୍ତିକ ନିଷ୍ପତ୍ତିର ବାସ୍ତବତା ଯଦି ସାମ୍ପ୍ରତିକ ସମୟରେ ସମ୍ବିଧାନର ମୌଳିକ ଢାଞ୍ଚା ପ୍ରତି ଦେଖାଦେଇଥିବା ଆହ୍ୱାନ ଓ ଏହାର ମୁକାବିଲା ପାଇଁ ବୌଦ୍ଧିକତାର ପରିସୀମା ଭିତରେ ରହିଥା'ନ୍ତା ତେବେ ତାହା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥା'ନ୍ତା। ଆଲୋଚନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ ନ ହେଲେ ମଧ୍ୟ ଆଶାନୁରୂପ ହୋଇପାରିନାହିଁ। ଏହି ପୃଷ୍ଠଭୂମିରେ ସମ୍ବିଧାନ ପ୍ରଣୟନର ୭୫ତମ ବର୍ଷ ପରେ ଜନତାଙ୍କ ଦ୍ୱାରା ନିର୍ବାଚିତ ନୀତି ନିର୍ଦ୍ଧାରକମାନେ ସାମ୍ବିଧାନିକ ମୂଲ୍ୟବୋଧକୁ କେଉଁ ଦୃଷ୍ଟିରେ ଦେଖି ଆସିଛନ୍ତି ଏବଂ ସମ୍ପ୍ରତି ତା'ର ସ୍ଥିତି କ'ଣ, ସେ ବିଷୟରେ ଗଣତନ୍ତ୍ରର ଚାରିସ୍ତମ୍ଭ ଆଧାରରେ ନିରପେକ୍ଷ ଆଲୋଚନା ଅଧିକ ପ୍ରାସଙ୍ଗିକ ମନେ ହୁଏ। ଗଣତନ୍ତ୍ରର ତିନି ସ୍ତମ୍ଭ ବିଧାନପାଳିକା, ନ୍ୟାୟପାଳକା ଓ କାର୍ଯ୍ୟପାଳିକା ପାଇଁ ସମ୍ବିଧାନ ଏକ ଲକ୍ଷ୍ମଣରେଖା ଟାଣିଛି। କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟରୁ, ବିଶେଷକରି ଯେତେବେଳେ କେନ୍ଦ୍ରରେ ଶାସନ କ୍ଷମତାକୁ ଆସିଥିବା ରାଜନୈତିକ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଉପଭୋଗ କରିଛି, ସେତେବେଳେ ସମ୍ବିଧାନର ଏହି ଲକ୍ଷ୍ମଣରେଖାର ଅତିକ୍ରମଣ ହୋଇଥିବାର ବହୁଳ ଉଦାହରଣ ସୃଷ୍ଟି ହୋଇଛି। କିନ୍ତୁ କେନ୍ଦ୍ରରେ ଶାସନରେ ଥିବା ରାଜନୈତିକ ଦଳର ପ୍ରଚ୍ଛନ୍ନ ଓ ପରୋକ୍ଷ ନିର୍ଦ୍ଦେଶରେ ରାଜ୍ୟପାଳମାନଙ୍କର ଆଚରଣ ସମ୍ବିଧାନ ପ୍ରଣେତା ଓ ଏହାର ଅନ୍ତର୍ନିହିତ ମହାନ୍ ଉଦ୍ଦେଶ୍ୟକୁ ଉପେକ୍ଷା କରୁଛି। ସେହିପରି ନ୍ୟାୟପାଳିକାର ରାୟ ଶାସକ ଦଳର ଲକ୍ଷ୍ୟପଥରେ ବାଧା ସୃଷ୍ଟି କରୁଥିବା ଅନୁଭବ ହେଲେ ବିଧାନପାଳିକା ଅଧ୍ୟାଦେଶ ବଳରେ ତାହାକୁ ଅକାମୀ କରିଦେଉଛି। ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ରାଜ୍ୟସଭା ସଦସ୍ୟ କିମ୍ବା ରାଜ୍ୟପାଳ ଭାବେ ତତ୍କାଳ ନିଯୁକ୍ତ ଆଦି ଉଦାହରଣ ମଧ୍ୟ ନ୍ୟାୟପାଳିକାର ନିଷ୍ପତ୍ତି ଓ ରାୟର ନିରପେକ୍ଷତାକୁ ସନ୍ଦେହଘେରକୁ ଆଣୁଛି। ନିରଙ୍କୁଶ ସଂଖ୍ୟାଗରିଷ୍ଠତା ବଳରେ ବିନା ଆଲୋଚନାରେ ବିଧେୟକ ପାରିତ କରାଇ ନେବା ହେଉ କି ଆଇନ ଆଖିରେ ଧୂଳି ଦେଇ ଅନ୍ୟଦଳର ଜନପ୍ରତିନିଧି ଏବଂ ନିର୍ବାଚିତ ରାଜ୍ୟସଭା ସଦସ୍ୟମାନଙ୍କୁ ନିଜ ପକ୍ଷରେ ସାମିଲ୍ କରିବା ଆଦି ଅତିକ୍ରିୟା ସଂସଦୀୟ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ହନନର ପ୍ରକୃଷ୍ଟ ଉଦାହରଣ ଭାବେ ନିଆଯାଇପାରେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ, ଆୟକର ବିଭାଗ, ପୁଲିସ୍ ପ୍ରଶାସନକୁ ଉଦ୍ଦେଶ୍ୟମୂଳକ ଓ ଆକ୍ରୋଶମୂଳକ ଭାବେ ଦୁରୁପଯୋଗ ହେଉ କିମ୍ବା ସରକାର-ଶିଳ୍ପପତି ମଧୁଚନ୍ଦ୍ରିକାକୁ ସୁହାଇବା ପରି ଆଇନକୁ ମୋଡ଼ିମକଚି ପଙ୍ଗୁ କରିବା ପାଇଁ କାର୍ଯ୍ୟପାଳିକା ଉପରେ ଚାପ ସୃଷ୍ଟି ହେଉ – ସେଥିରୁ ସାମ୍ବିଧାନିକ ଲକ୍ଷ୍ମଣରେଖା ନିଷ୍ପ୍ରଭ ହୋଇଥିବାର ଧାରଣାର ଦୃଢ଼ ହେଉଛି। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ ଆଜି ସରକାରୀ କୋଳାଶ୍ରୟୀ ନ ହେଲେ ତିଷ୍ଠି ରହିବା ସମ୍ଭବ ହୋଇପାରୁନାହିଁ। ଦେଶଦ୍ରୋହ ଆଇନର ଦ୍ୱାହି ଦେଇ ସ୍ୱାଧୀନ ଅଭିବ୍ୟକ୍ତିର କଣ୍ଠରୋଧ, ଆକ୍ରମଣ ଓ ଦଣ୍ଡବିଧାନ ଗଣତନ୍ତ୍ରର ନିରପେକ୍ଷ ଚତୁର୍ଥ ସ୍ତମ୍ଭକୁ ସରକାରୀ ପକ୍ଷପାତୀ କରିବାକୁ ବାଧ କରିଛି। ସଂସଦରେ ବର୍ତ୍ତମାନ ଚାଲିଥିବା ଆଲୋଚନାରେ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲେ ଭଲ ହୋଇଥା'ନ୍ତା। ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଆଶ୍ୱସ୍ତି ହେଉଛି- ସାମାଜିକ-ରାଜନୈତିକ-ଧର୍ମ, ସାମ୍ପ୍ରଦାୟିକ-ଅର୍ଥନୈତିକ ଶୃଙ୍ଖଳାର ସ୍ରୋତକୁ ନିର୍ଦ୍ଧାରିତ ଦିଗରେ ଆଗେଇ ନେବାରେ ସମ୍ବିଧାନ ଏ ପର୍ଯ୍ୟନ୍ତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି। ଏହା ମଧ୍ୟ ଦେଶର ସର୍ବୋଚ୍ଚ ଆଇନ, ପରମ୍ପରା, ବୌଦ୍ଧିକତା, ଜାତୀୟତାବୋଧର ସମ୍ମିଳିତ ସଂହିତା ଏବଂ ଏକାଧିକ ଦୃଷ୍ଟିକୋଣ-ଧାରଣାର ସମାହାର। ୭୫ ବର୍ଷରେ ଉପନୀତ ଭାରତୀୟ ସମ୍ବିଧାନର ମୌଳିକ ଉପାଦାନଗୁଡ଼ିକର ମୂଳଭିତ୍ତି ଏତେ ସୁଦୃଢ଼ ଯେ ଏହାକୁ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଜ ଆଦର୍ଶବାଦ ଓ ସଂଖ୍ୟାଗରିଷ୍ଠତା ଆଧାରରେ ସମ୍ପୂର୍ଣ୍ଣ ବଦଳାଇପାରିବ ନାହିଁ। କିନ୍ତୁ ସଂଖ୍ୟାଗରିଷ୍ଠତା ବଳରେ ଏବଂ ସଂଶୋଧନ ଆଳରେ ସମ୍ବିଧାନର ମୌଳିକତାକୁ ବିକୃତ କରିବାର ସାମ୍ପ୍ରତିକ ଧାରା ଜାରି ରହିଲେ ସେହି ଭିତ୍ତି ଦୋହଲିଯିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ।

## ବିରଳ ଶାସକ ଓ ମହାନ ଜନସେବକ 'ମହାରାଜା ଶ୍ରୀରାମଚନ୍ଦ୍ର'

### ଡକ୍ଟର ଶରତ ଚନ୍ଦ୍ର ମିଶ୍ର



ମହାରାଜା ଶ୍ରୀରାମଚନ୍ଦ୍ର ଅଯୋଧ୍ୟାର ନରପତି ନଥିଲେ ; ସେ ଥିଲେ ଜଣେ ଲୋକ ହିତୈଷୀ ଶାସକ ତଥା ପ୍ରଜାରଞ୍ଜନ ଜନସେବକ । ଏକ ବିରଳ ଓ ଅନନ୍ୟ ମହାରାଜା- 'ମୟୂରଭଞ୍ଜର' । ସେ ଥିଲେ ଜଣେ ମାନବବାଦୀ ପ୍ରଶାସକ, ପ୍ରଜାବତ୍ସଳ ନରପତି, ଦେଶପ୍ରେମୀ, କର୍ମବୀର ତଥା ସ୍ଥିତପ୍ରଜ୍ଞ ରାଜର୍ଷି । ଏକଧାରାରେ ସେ ଥିଲେ ଜଣେ ପ୍ରଜାରଞ୍ଜକ ଶାସକ, ଶାସନର ସଂସ୍କାରକ, ସାହିତ୍ୟ, କଳା ଓ ସଂସ୍କୃତିର ପୃଷ୍ଠପୋଷକ, ସାରସ୍ୱତ ସାଧକ ଓ ସର୍ବୋପରି ଜଣେ ଉଚ୍ଚକୋଟୀର ମାନବ ।

ସେହି ବିରଳ ଶାସକ ୧୮୭୧ ମସିହା ଡିସେମ୍ବର ୧୭ ତାରିଖରେ ମୟୂରଭଞ୍ଜ ରାଜ ବଂଶରେ ବାରିପଦାଠାରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ନଅବର୍ଷ ବୟସରେ ସେ ପିତା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କୁ ହରାଇ ବସିଲେ । ପିତାଙ୍କ ମୃତ୍ୟୁ ପରେ ରାଜ୍ୟ ଶାସନ ଇଂରେଜଙ୍କ ହାତକୁ ଚାଲିଗଲା । ସେ ବଙ୍ଗ ବିହାର ଓ ଓଡ଼ିଶା ବଡ଼ଲାଟଙ୍କ ସହଯୋଗରେ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏବଂ ବ୍ରେଟାମ କିଡ଼େଲଙ୍କ ତତ୍ତ୍ୱାବଧାନରେ ଅଧ୍ୟୟନ କଲେ । ୧୮୮୮ ମସିହାରେ ରେଭେନ୍ସା କଲଜିଏଟ୍ ସ୍କୁଲରୁ ଏଣ୍ଟ୍ରାସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ରେଭେନ୍ସା କଲେଜରୁ ବି ଏଫ୍‌ଏପି ପାସ୍ କଲେ । ପରେ ବିଦେଶ ଯାଇ ଉଚ୍ଚଶିକ୍ଷା ସମାପ୍ତ କରି ଜନ୍ମମାଟିକୁ ଫେରିଲେ । ମାତ୍ର ୨୧ବର୍ଷ ବୟସରେ ୧୮୯୨ ମସିହା ଅଗଷ୍ଟ ପନ୍ଦର ତାରିଖ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାର ଶାସନ ଭାର ଗ୍ରହଣ କରିଥିଲେ ।

ରାଜା ହେବା ପରେ ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟରେ ପରିଣତ କରିବା ପାଇଁ ସେ ସର୍ବଦା ଓ ସତତ ଚେଷ୍ଟିତ ଥିଲେ । ବି.ଏ ପଢୁଥିବା ସମୟରେ ତାଙ୍କୁ ରାଜଗାଦି ସମ୍ଭାଳିବାକୁ ପଡ଼ିଥିଲା । ତାଙ୍କର ଇଂରାଜୀରେ ବେଶ ଦକ୍ଷତା ଥିଲା । ଗଣତାନ୍ତ୍ରିକ ଉପାୟରେ ଶାସନ ଚଳାଇବା ପାଇଁ ସେ 'ଷ୍ଟେଟ୍ କାଉନ୍‌ସିଲ' ଗଠନ କରିଥିଲେ । ଏଥିରେ ସେ ସରକାରୀ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କୁ ସାମିଲ କରିଥିଲେ। ପ୍ରଜା ହିତକର ସମସ୍ତ କାର୍ଯ୍ୟପାଇଁ କାଉନ୍‌ସିଲ ମାଧ୍ୟମରେ ସେ ଆଇନ ସଂଶୋଧନ ବି କରିଥିଲେ । ରାଜ୍ୟ ଶାସନର ସୁବିଧା ପାଇଁ ପ୍ରଥମ କରି ସେ ରାଜ୍ୟକୁ ଚାରିଭାଗରେ ବିଭକ୍ତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗରେ ସେ ସଂସ୍କାର ଆଣିଥିଲେ । ହେଲେ ଶିକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବ୍ୟୟ କରି ଅଧିକ ଲୋକ ଶିକ୍ଷିତ ହେବା ସେ ଚାହୁଁଥିଲେ । ପୂର୍ବ ରାଜ୍ୟରେ ଥିବା ମାତ୍ର ୪୪ଟି ପ୍ରାଥମିକ ବିଦ୍ୟାଳୟକୁ ସେ ଚାରିଶହକୁ ବୃଦ୍ଧି କରାଇଥିଲେ ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ୧୮୯୧ ମସିହାରେ 'ଉତ୍କଳ ପ୍ରଭା' ନାମରେ ଏକ ପତ୍ରିକା ପ୍ରକାଶ କରାଇଥିଲେ । ସେ ଲେଖକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଉନ୍ନତମାନର ଲେଖାପାଇ ପୁରସ୍କାରରେ ଅର୍ଥଦାନର ଘୋଷଣା ବି କରୁଥିଲେ । ବାରିପଦାରୁ 'ମନୋରମା' ନାମକ ଅନ୍ୟ ଏକ ପତ୍ରିକା ବି ପ୍ରକାଶ କରିଥିଲେ । ତତ୍କାଳୀନ ସମୟରେ ସାହିତ୍ୟ, ବିଜ୍ଞାନ, ସାଧାରଣ ଧର୍ମ ଓ ନୀତିଶିକ୍ଷା ଉପରେ ଲେଖାମାନ ପ୍ରକାଶିତ ହେଉଥିଲା । ଏଥିରେ ବ୍ୟାସକବି ଫକୀରମୋହନ ସେନାପତି, ପଲ୍ଲୀକବି ନନ୍ଦକିଶୋର ବଳ ଓ କବିବର ରାଧାନାଥ ରାୟଙ୍କର ଲେଖା ବି ପ୍ରକାଶିତ ହେଉଥିଲା। ସେ ଶାସନର ଶୃଙ୍ଖଳା ପାଇଁ ଶାସନ ଓ ବିଚାର ବିଭାଗର ପୃଥକୀକରଣ କରିଥିଲେ । ରାଜ୍ୟର ପ୍ରଥମ ରେଳରାସ୍ତା 'ରୂପ୍‌ସା'ରୁ ତାଳବନ୍ଧ ପର୍ଯ୍ୟନ୍ତ ନିର୍ମାଣ କରିଥିଲେ ।

ଚାଷ ପାଇଁ ଜଳ ଜରୁରୀ । ଏଣୁ ଜଳ ସେବନର ସୁବିଧା ପାଇଁ 'ହଳଦିଆ' ଓ ଡାଲଡିରା' ଠାରେ ଦୁଇଟି ଜଳଭଣ୍ଡାର ନିର୍ମାଣ କରିଥିଲେ । ସେହି ପରି ସମାଜର ସବୁ ବର୍ଣ୍ଣର ଲୋକଙ୍କର ହିତ ସାଧନ ପାଇଁ ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗକୁ ଅଧିକ ଗୁରୁତ୍ୱ ଦେଇ ନୂତନ ବିଭାଗମାନ ସୃଷ୍ଟି କରିଥିଲେ । ଟାଟା କମ୍ପାନୀକୁ ଲୁହା ଖଣିଦେଇ ସେ ଅନେକ ଲୋକଙ୍କୁ ନିଯୁକ୍ତି ଦେବା ସହ ଅନେକ ଲୋକହିତକର କାର୍ଯ୍ୟ ବି କରାଇଥିଲେ । ତାଙ୍କ ପାଇଁ ଶାସନର ଅର୍ଥ ଥିଲା ସେବା । ତାଙ୍କର ଶାସନ ସଦାସର୍ବଦା ପ୍ରଜାଙ୍କର ହିତକଳ୍ପେ ଉଦ୍ଦିଷ୍ଟ ଥିଲା । ତାଙ୍କର ଶାସନଗତ ବିଶେଷଣରେ ମୁଗ୍ଧହୋଇ ତତ୍କାଳିନ ଭାରତକୁ ଶାସନ କରୁଥିବା ଇଂରେଜ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ ।

ସେ ମୟୂରଭଞ୍ଜ ରାଜ୍ୟର ରାଜା ହୋଇଥିଲେ ବି ଉତ୍କଳ ଜନନୀଙ୍କ ପାଇଁ ତାଙ୍କ ପ୍ରାଣ ସର୍ବଦା କାନ୍ଦୁଥିଲା । ତାଙ୍କର ମହାନଗୁଣରେ ଆକର୍ଷିତ ହୋଇ ଉତ୍କଳ ଗୌରବ ମଧୁସୂଦନ ଦାସ ତାଙ୍କୁ 'ସ୍ୱତନ୍ତ୍ର ଉତ୍କଳ ଗଠନ' ପାଇଁ ଗଠିତ 'ଉତ୍କଳ ସମ୍ମିଳନୀ' ପ୍ରଥମ ସଭାପତି ଭାବେ ବରଣ କରିଥିଲେ । ସେ ସଭାପତି ଭାବେ ୧୯୦୩ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ସଭାରେ ପ୍ରଦତ୍ତ ଭାଷଣରେ ତାଙ୍କର ଗଭୀର ଦେଶପ୍ରୀତି ଓ ମହାନ ସୃଜନଶୀଳତାର ପରିଚୟ ଦେଇଥିଲେ । ସେ ଥିଲେ ଉତ୍କଳ ଜନନୀର ଆଶା ଓ ଭରସାର ଉପଯୁକ୍ତ ସନ୍ତାନଟିଏ । ତାଙ୍କର ଶାସନ କାଳରେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଉତ୍କଳ ସାହିତ୍ୟ ସମାଜ, ଶ୍ରୀରାମଚନ୍ଦ୍ର ଭବନ ଓ ବାଲେଶ୍ୱରରେ ଶ୍ରୀରାମଚନ୍ଦ୍ର ସଂସ୍କୃତ ଟୋଲ ଓ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠା ପରି ଅନେକ ଲୋକହିତକର କାର୍ଯ୍ୟ ।

ଉତ୍କଳମଣି ଗୋପବନ୍ଧୁ ଦାଶ ଥିଲେ ମହାରାଜାଙ୍କର ଜଣେ ପରମବନ୍ଧୁ ଓ ପରାମର୍ଶଦାତା । ଗୋପବନ୍ଧୁ ଥିଲେ ଦୀନ ଓ ଦରିଦ୍ରଙ୍କର ବନ୍ଧୁ ଓ ମହାରାଜା ଥିଲେ ଜଣେ ଲୋକ ହିତୈଷୀ ଶାସକ । ଦୁଇଜଣଙ୍କର ସଂଯୋଜ ଥିଲା 'ମଣି କାଞ୍ଚନର ସଂଯୋଗ' । ମହାରାଜା ତାଙ୍କର ମାନବିକତା ଗୁଣରେ ଆକର୍ଷିତ ହୋଇ ତାଙ୍କୁ ସରକାରୀ ଓକିଲ ଭାବେ ବରଣ କରିଥିଲେ । ମହାରାଜା ତାଙ୍କୁ ଯେମିତି ଶ୍ରଦ୍ଧା କରୁଥିଲେ ଗୋପବନ୍ଧୁ ବି ତାଙ୍କୁ ସେମିତି ସମ୍ମାନ କରୁଥିଲେ ।



'କର୍ମ ହିଁ ଧର୍ମ ଓ କର୍ତ୍ତବ୍ୟ ହିଁ ଭଗବାନ' ଏହି ଆଦର୍ଶରେ ସେ ସର୍ବଦା ନିଜର ଜୀବନ ରଥକୁ ଚାଳିତ କରିଥିଲେ । କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ସେ ସର୍ବଦା ଭଲ ପାଉଥିଲେ । ସେ 'ଭୋଗୀ ନଥିଲେ, ବରଂ ତ୍ୟାଗୀ ଥିଲେ ।' ସେ କହୁଥିଲେ 'ରାଜ୍ୟ ମୋର ପ୍ରକୃତ ସମ୍ପତ୍ତି ନୁହେଁ । ବା ରାଜକୋଷ ମୋର ହାତବାକ୍ସ ନୁହେଁ । ରାଜ୍ୟର ଧନ ପ୍ରଜାଙ୍କର । ଏଥିରେ ମୋର ଅଧିକାର ଆସିଲା କୁଆଡୁ ?'

ସେ ଥିଲେ ଜଣେ ଆଦର୍ଶ ପତି, ସ୍ନେହୀ ପିତା ଓ ଅଭିଜ୍ଞ ଗୃହସ୍ଥ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ପୁଣି ସେ ଥିଲେ ବିନୟୀ, ସଂଯମୀ ଓ ସହିଷ୍ଣୁତାର ଅବତାର । ରାଜପୁତ୍ର ଓ ରାଜା ହୋଇ ବି ସେ ସରଳ, ନିରାଡ଼ମ୍ବର ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ସେ ସାହିତ୍ୟ, କଳା ଓ ସଂସ୍କୃତିର ପୃଷ୍ଠପୋଷକତା କରୁଥିଲେ । ତାଙ୍କର ଶାସନ କାଳରେ ମୟୂରଭଞ୍ଜର 'ଛଉନୃତ୍ୟ' ସଂସ୍କାର ସହ ଉନ୍ନତିର ଚରମସୀମାରେ ପହଞ୍ଚି ପାରିଥିଲା । ସେ ଥିଲେ ଜଣେ ସ୍ଥିତପ୍ରଜ୍ଞ ରାଜର୍ଷି । ଦୁଃଖ-ସୁଖ ତାଙ୍କ ପାଇଁ ସମାନ । ଆଖି ଆଗରେ ପିତା ମହାରାଜା କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ, ମାତାଙ୍କର ସ୍ୱର୍ଗାରୋହଣ, ପ୍ରାଣପ୍ରୀୟା ପତ୍ନୀ ଲକ୍ଷ୍ମୀ କୁମାରୀଙ୍କର ଆକସ୍ମିକ ମୃତ୍ୟୁ, ଏକମାତ୍ର କନ୍ୟା ଶ୍ରୀପଦ ମଞ୍ଜରୀ ତାଙ୍କୁ ଅବେଳରେ ଛାଡ଼ି ଚାଲି ଯାଇଛନ୍ତି । ସେ ଏଥିରେ ଭାଙ୍ଗି ପଡ଼ି ନାହାନ୍ତି ବରଂ ଭଗବାନଙ୍କ ପାଦପଦ୍ମରେ ମନପ୍ରାଣ ଢାଳି ଆନନ୍ଦ ପାଇଛନ୍ତି । 'ପ୍ରତିଭା ପୂଜା' ଓ 'ପୂଜ୍ୟପୂଜା' ଜାତିକୁ ବଡ଼ କରେ । ସେ ଜୀବନ କାଳ ମଧ୍ୟରେ ତାହାକୁ ହିଁ ଅଧିକ ଗୁରୁତ୍ୱ ଦେଇ ଯାଇଛନ୍ତି । ଧନ୍ୟ ସେ ରାଜ୍ୟ । ଧନ୍ୟ ତାଙ୍କ ଆଦର୍ଶ ।

ସେଦିନ ଥିଲା ୧୯୧୨ ମସିହା ଫେବୃୟାରୀ ମାସର ୧୨ ତାରିଖ ସୋମବାର । ସେ ସମସ୍ତଙ୍କୁ ଦୁଃଖ ସାଗରରେ ଭସାଇ ମାତ୍ର ଏକଚାଳିଶ ବର୍ଷ ବୟସରେ ଆରପାରିକୁ ଚାଲିଗଲେ । ପଛରେ ଛାଡ଼ିଗଲେ ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର ପୁତ୍ର ଦ୍ୱୟଙ୍କୁ ପୁଣି ପ୍ରେମିକା ତଥା ପତ୍ନୀ ସୁଚାରୀ ଦେବୀଙ୍କୁ। ହଜାର ହଜାର ମୟୂରଭଞ୍ଜ ରାଜ୍ୟର ପ୍ରିୟ ପ୍ରଜାଙ୍କୁ, ଲକ୍ଷ ଲକ୍ଷ ଉତ୍କଳବାସୀଙ୍କୁ ଓ ଅନେକ ଅନେକ ଦୁଃଖୀ ଓ ଆଶାୟୀ ଜନଙ୍କୁ । ଆଜି ସମାଜ ଦିଗହରା । ଲୋକ ସଂଖ୍ୟା ବଢ଼ୁଛି, ମାତ୍ର ମାନବିକତାର ଅବକ୍ଷୟ ଘଟିଛି । ମଣିଷ ଆଜି ହାଉଯାଉ, ହେଲେ ମଣିଷ ପଣିଆଁ କାହିଁ ? ତେବେ ଅବକ୍ଷୟୀ ସମାଜକୁ ଯଦି କେହି ଭଗୀରଥ ସାଜି ଉଦ୍ଧାର କରେ ତେବେ ତାହାହିଁ ଆମର ଯୁବ ସମାଜ । ଯୁବ ସମାଜ ନିକଟରେ ଆଦର୍ଶର ଅଭାବ ନାହିଁ ତେବେ ଜୀବନକୁ ସଠିକ୍ ଭାବେ ଗଢ଼ିବା ପାଇଁ ମାନସିକତାର ଘୋର ଅଭାବ । ଆଜିର 'ଯୁବ ସମାଜ' ଓ 'ଛାତ୍ର ସମାଜ' ଆମ ଅତୀତର ସେହି ଆଦର୍ଶ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପାରିଲେ ତାହାହିଁ ହେବ ସେହି ଆମର ଆତ୍ମାପ୍ରତି ଗଭୀର ତଥା ସଶ୍ରଦ୍ଧା ଶ୍ରଦ୍ଧାଞ୍ଜଳି ।


'ପ୍ରଜ୍ଞାନୀଡ଼'
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର- ୭୫୬୦୦୧
ମୋ: ୮୮୯୫୯୮୮୮୮୪


## ୱାନ୍ ନେସନ ୱାନ୍ ଇଲେକ୍ସନ୍

### ଡକ୍ଟର ଲକ୍ଷ୍ମଣ ସାହୁ



ୱାନ ନେସନ ୱାନ ଇଲେକ୍ସନ (ନିର୍ବାଚନ) ବ୍ୟବସ୍ଥା ଲାଗୁ କରିବା ପାଇଁ ଆଜି ଲୋକସଭାରେ ଆବଶ୍ୟକ ବିଲ୍ ଆଗତ କରାଯିବ । ଲୋକସଭାର ସୋମବାରର ଏଜେଣ୍ଡା ଅନୁଯାୟୀ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକକାଳୀନ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ୧୨୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପସ୍ଥାପନ କରିବେ । ବିଧାନସଭା ଜାମ୍ମୁ କାଶ୍ମୀର, ଦିଲ୍ଲୀ ଓ ପଣ୍ଡିଚେରୀର ଏକକାଳୀନ ନିର୍ବାଚନ ପାଇଁ ୟୁନିଅନ୍ ଟେରିଟୋରୀ ଆଇନ (ସଂଶୋଧନ) ବିଲ୍, ୨୦୨୪ ମଧ୍ୟ ପ୍ରବର୍ତ୍ତନ କରିବ । ଗୃହରେ ସମ୍ବିଧାନ ସଂଶୋଧନ ବିଲ୍ ଉପସ୍ଥାପିତ ହେବା ପରେ ଏହାକୁ ମିଳିତ ସଂସଦ କମିଟି (ଜେପିସି) କୁ ବିସ୍ତୃତ ଆଲୋଚନା ପାଇଁ ହସ୍ତାନ୍ତର କରାଯାଇପାରିବ ବୋଲି ବିଶ୍ୱାସ କରାଯାଏ । ସଂସଦରେ ଏହି ବିଲ୍ ପାରିତ ହୋଇ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ଯେତେବେଳେ କେନ୍ଦ୍ର ସରକାର ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶ କରିବେ ।

ଅନ୍ୟପକ୍ଷରେ ବିରୋଧୀ କହିଛନ୍ତି ଯେ ଇଭିଏମ୍ ଅନିୟମିତତା ଅଭିଯୋଗ ମଧ୍ୟରେ ବିଜେପି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ସ୍ଲୋଗାନ ଛାଡିଛି । ଲୋକମାନେ ହରିୟାଣା ଓ ମହାରାଷ୍ଟ୍ରରେ ଅନିୟମିତତାର ପ୍ରମାଣ ଉପସ୍ଥାପନ କରିଛନ୍ତି । ହରିୟଣାର ପ୍ରାୟ ୨୦ ପ୍ରତିଶତ ଆସନରେ ବିଜେପି ପ୍ରାର୍ଥୀଙ୍କ ବିଜୟ ବିରୋଧରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଏକ ମାମଲା ଦାୟର କରାଯାଇଛି । ସମ୍ପ୍ରତି କଂଗ୍ରେସ ନେତାମାନେ ୧.୫ ଘଣ୍ଟାରୁ ଅଧିକ ସମୟ ଧରି ନିର୍ବାଚନ ଆୟୋଗଙ୍କ ସହ କଥା ହୋଇଥିଲେ ଓ ପ୍ରଶ୍ନ ପଚାରିଥିଲେ ମଧ୍ୟ ଏହା ସତ୍ତ୍ୱେ ଇଭିଏମ୍ ବିଷୟରେ ସନ୍ତୁଷ୍ଟ ହେବା ପରିବର୍ତ୍ତେ ନିର୍ବାଚନ ଆୟୋଗ ସେମାନଙ୍କୁ ଅସ୍ପଷ୍ଟ ପ୍ରଶ୍ନ ଦେଇଥିଲେ ।

ବାସ୍ତବରେ ଦେଶରେ ବାଲାଟ ପେପର ମାଧ୍ୟମରେ ନିର୍ବାଚନ ହେବାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ବିରୋଧୀ ଦଳ ତଥା ସାଧାରଣ ଲୋକ ମଧ୍ୟ ବାଲାଟ ପେପର ମାଧ୍ୟମରେ ନିର୍ବାଚନ ଦାବି କରୁଛନ୍ତି । ସମସ୍ତଙ୍କ ଅଭିଯୋଗ କେବଳ ଇଭିଏମ୍ ରେ ଥିବା ଅନିୟମିତତା ବିଷୟରେ ନୁହେଁ । ଯୁକ୍ତି ମଧ୍ୟ ହେଉଛି ଯେ ଯେତେବେଳେ ଆମେରିକା, ଜାପାନ ଓ କାନାଡା ଭଳି ଦେଶ ମଧ୍ୟ ଇଭିଏମ୍ ସହିତ ନିର୍ବାଚନ କରନ୍ତି ନାହିଁ । ନିର୍ବାଚନ ସଚ୍ଚୋଟ ଭାବରେ କରନ୍ତି । ସେତେବେଳେ ନିର୍ବାଚନ ଆୟୋଗ ବ୍ୟାଲେଟ୍ ପେପର ବ୍ୟବହାର କରୁଛନ୍ତି ସେଠାରେ କରାଯାଏ। ଯେତେବେଳେ ଭାରତର ଟେକ୍ନୋଲୋଜିଠାରୁ ୧୦୦ ବର୍ଷ ଆଗରେ ଥିବା ଟେକ୍ନୋଲୋଜି, ତେବେ ଭାରତରେ ଇଭିଏମ୍ ସହିତ ନିର୍ବାଚନ କାହିଁକି କରାଯାଏ ନାହିଁ ?

ପ୍ରକାଶ ଥାଉକି, ଆଜି ଭାରତରେ ମୁଦ୍ରାସ୍ଫୀତି, ବେକାରୀ, ଦୁର୍ନୀତି, ହୋର୍ଡିଂ, ଲାଭ, ଦୁର୍ନୀତି ଇତ୍ୟାଦି କାରଣରୁ ଦାମୀ ମେଡିକାଲ ଓ ପ୍ରତିଯୋଗିତାମୂଳକ ପରୀକ୍ଷା, ଅଶିକ୍ଷିତ ତଥା କୁଟିଳ ପ୍ରକାରର ଦଲାଲ , ଅପରାଧୀମାନେ ପରୀକ୍ଷାରେ କୋଟି ଟଙ୍କା ମୂଲ୍ୟର କାଗଜପତ୍ର ଲିକ୍ କରନ୍ତି । ଯୁବକମାନେ ଉତ୍ସର୍ଗୀକୃତ କୌଶଳ ବିନା ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ । ଯଦିଓ ସେମାନେ ଶୀର୍ଷରେ ରହିବେ । ଅର୍ଥାତ୍ ଆଜି ଦେଶର ଗଧମାନେ ପଞ୍ଜିରୀ ଖାଉଛନ୍ତି ଓ ଉଚ୍ଚ ବେଗରେ ଚାଲୁଥିବା ଘୋଡାମାନେ ଘାସ ମଧ୍ୟ ପାଇ ନାହାଁନ୍ତି । ପରିସ୍ଥିତି ଏପରି ଯେ ଯେଉଁମାନେ ଦେଶରେ ବଡ ସ୍କାମ କରନ୍ତି ଓ ସମାଜରେ ଘୃଣା ବିସ୍ତାର କରି ଭାଇଚାରା, ଭ୍ରାତୃତ୍ୱ ଓ ଭାରତୀୟତାକୁ କ୍ଷତି ପହଞ୍ଚାନ୍ତି । ସେମାନେ ଦେଶର ସମସ୍ତ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟା ବଢାଇବାକୁ ମଜା କରୁଛନ୍ତି । ଦେଶର ଉନ୍ନତି ଓ ପ୍ରଗତି ପାଇଁ ସେମାନଙ୍କର ଶକ୍ତି ଅଛି । କୌଣସି ରଣନୀତି ନାହିଁ । କିନ୍ତୁ 'ଗୋଟିଏ ଦେଶ, ଗୋଟିଏ ଚୋରି ଓ ବିକାଶ'କୁ ଟ୍ରମ୍ପ କରି ସେମାନେ ଦୁର୍ନୀତି ଓ କ୍ଷତି ପ୍ରସଙ୍ଗରେ ଧ୍ୟାନ ଦେଇ ଜନସାଧାରଣଙ୍କୁ ବୋକା ବନାଉଛନ୍ତି । ବାସ୍ତବରେ ଏହାର ବିଫଳତାକୁ ସଂଶୋଧନ କରିବା ପାଇଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ବ୍ୟତୀତ କେନ୍ଦ୍ର ସରକାର କିଛି କରୁନଥିବା ପରି ମନେ ହେଉଛି । ଆଜି କୌଣସି ପ୍ରକାରର ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କର ସମସ୍ତ ମନ୍ତ୍ରୀ ତଥା ବିଜେପି ନେତାମାନେ ଅବହେଳା କରନ୍ତି କିମ୍ବା ନକାରାତ୍ମକ ଉତ୍ତର ଦିଅନ୍ତି । ଏଥିରୁ ସ୍ପଷ୍ଟ ହୋଇଛି ଯେ ବିଜେପି ସରକାର ବିଶେଷ କରି କେନ୍ଦ୍ରରେ ମୋଦୀ ସରକାରଙ୍କ ପାଖରେ ଉତ୍ତର ନାହିଁ । ଦେଶର ଯେ କୌଣସି ଗ୍ରାଫ୍ କିମ୍ବା ବିକାଶର ଧାରଣା ନାହିଁ । ଏହା ମଧ୍ୟ ଦେଖାଯାଇଛି ଯେ ଯେତେବେଳେ କେନ୍ଦ୍ରରେ ମୋଦୀ ସରକାରଙ୍କ ଉପରେ ଯେକୌଣସି ପ୍ରସଙ୍ଗରେ ବିଶେଷ କରି ଦୁର୍ନୀତି, ମୁଦ୍ରାସ୍ଫୀତି, ବେକାରୀ, କୃଷକ ଓ ଶିକ୍ଷା ଉପରେ ନାନାଦି ପ୍ରଶ୍ନ ଘେରି ରହିଥାଏ । ଯେଉଁମାନେ କେବଳ ପ୍ରଶ୍ନ ପଚାରନ୍ତି, ସେମାନେ ଟାର୍ଗେଟ କରିବା ଆରମ୍ଭ କରନ୍ତି । ଉଦାହରଣ ସ୍ୱରୂପ, ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ବିରୋଧୀଦଳର ନେତାମାନେ କେନ୍ଦ୍ରରେ ମୋଦୀ ସରକାରଙ୍କ ଉପରେ ଆକ୍ରମଣ କରି ଜେଲ ଯାଇଛନ୍ତି ।

ଗୋଟିଏ ଜାତିର ଅର୍ଥ ହେଉଛି ପ୍ରତ୍ୟେକ ରାଜ୍ୟ ଗୋଟିଏ ନିର୍ବାଚନ ରଣନୀତି ଓ ଭେଦଭାବ ସହିତ ପରିଚାଳିତ ହେବ ।ତେବେ, ବର୍ତ୍ତମାନ ପର୍ଯ୍ୟନ୍ତ ବିଜେପି ପରାଜୟକୁ ଏତେ ଭୟ କରୁଛି ଯେ ଏହା ନିର୍ବାଚନରେ ବାଧା ସୃଷ୍ଟି କରୁଛି। ପରିସ୍ଥିତି ହେଉଛି ଯେ ନଭେମ୍ବର ମାସରେ ନିଜେ ଚାରିଟି ରାଜ୍ୟ ଯଥା ହରିୟାଣା, ଜାମ୍ମୁ-କାଶ୍ମୀର, ମହାରାଷ୍ଟ୍ର ଓ ଝାଡଖଣ୍ଡରେ ନିର୍ବାଚନ ଅନୁଷ୍ଠିତ ହେବ । ଯେପରି କେବଳ ବିଜେପି ଜିତିବା ପାଇଁ ନିର୍ବାଚନ ଆୟୋଗ ଯୋଜନା କରିଛି ଓ କେନ୍ଦ୍ରରେ ମୋଦୀ ସରକାରଙ୍କ ନିର୍ଦ୍ଦେଶରେ ଚାରିଟି ରାଜ୍ୟର ନିର୍ବାଚନ ଏକାସାଙ୍ଗରେ ନୁହେଁ ବରଂ ଦୁଇଟି ପର୍ଯ୍ୟାୟରେ ହୋଇଥିଲା । ଏସବୁ ସତ୍ତ୍ୱେ ହରିୟାଣାରେ ବିଜେପି କେବଳ ସଂପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଯେତେବେଳେ କି ମହାରାଷ୍ଟ୍ରରେ ଏହାର ସହଯୋଗୀ ଶିବସେନା (ଶିଡି) ଓ ଏନସିପି (ଅଜିତ) ଙ୍କ ସାହାଯ୍ୟରେ ସରକାର ଗଠନ କରିବାକୁ ପଡିଲା । ଯାହା ତାଙ୍କର କୂଟନୀତି ଦ୍ୱାରା ସଫଳ ହେବାରେ ସକ୍ଷମ ହୋଇଛନ୍ତି । ଆଜି ଯେଉଁ ସରକାର ରାଜ୍ୟ ନିର୍ବାଚନ ଏକାସାଙ୍ଗରେ ପରିଚାଳନା କରିବାରେ ସକ୍ଷମ ନୁହଁନ୍ତି କିମ୍ବା ନିର୍ବାଚନରେ ଜିତିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ସହିତ ନିର୍ବାଚନର ତାରିଖ ସ୍ଥିର କରିପାରୁ ନାହାଁନ୍ତି, ସେହି ଦଳର ଲୋକମାନେ କହୁଛନ୍ତି 'ଗୋଟିଏ ଦେଶ' , ଗୋଟିଏ ନିର୍ବାଚନ ' । ଯାହା କେବଳ ଦେଶର ନିରୀହ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ।

ସୂଚନାଯୋଗ୍ୟ ଯେ ୭୦-୮୦ ଦଶକ ପର୍ଯ୍ୟନ୍ତ ସମଗ୍ର ଦେଶରେ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରାୟ ଏକ ସମୟରେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ୧୫ ଦିନରୁ ଅଧିକ ଭୋଟ୍ ଦେବାର ସମୟ ନଥିଲା । ଆଜିକାଲି ଗୋଟିଏ କିମ୍ବା ଦୁଇଟି ରାଜ୍ୟ ନିର୍ବାଚନରେ ମଧ୍ୟ ସେଠାରେ ଭୋଟ୍ ଦେବାର କୌଣସି ସମୟ ନାହିଁ । ଗୋଟିଏ ଗୋଟିଏ ମାସର ସମୟ ହଜିଯାଉଛି ଯାହା ଦ୍ୱାରା ପରବର୍ତ୍ତୀ ନିର୍ବାଚନକୁ ନିୟନ୍ତ୍ରଣ କରାଯାଇପାରିବ । ଗୋଟିଏ ପ୍ରକାରେ ଦେଶର ଏକ ଅସଫଳ ତଥା ଅସଫଳ ସରକାର ଗୋଟିଏ ଦେଶ।

ଗୋଟିଏ ନିର୍ବାଚନ ଆୟୋଜନ କରିବାକୁ ଗର୍ବ କରୁଛନ୍ତି ଓ ନିଜକୁ ଜଣେ ଆଦର୍ଶବାଦୀ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ବାସ୍ତବରେ ଏହି ସରକାରର ଅବଧି ଅର୍ଥାତ୍ ମୋଦୀ ରାଜ୍ ସମଗ୍ର ବ୍ୟବସ୍ଥାକୁ ବୋଧହୁଏ ଦୁର୍ନୀତି କରିଦେଇଛନ୍ତି ବୋଲି ଭାବିବା ମଧ୍ୟ ଠିକ୍ ନୁହେଁ । କହିବାର କଥା ବର୍ତ୍ତମାନ ଲୋକମାନେ କେବଳ ନିର୍ବାଚନ ମାଧ୍ୟମରେ ଏଭଳି ବ୍ୟବସ୍ଥା ପରିବର୍ତ୍ତନ କରିପାରିବେ ବୋଲି ଆଶା କରାଯାଇପାରେ...!!!


ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଟେରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫





### ଦୂଷିତ ସଂସ୍କାର

**ଶ୍ରୀଧର ମଲ୍ଲିକ**



ସନ୍ୟାସୀ ଜୀବନ ହୋଇଛି ବିଚ୍ଛିନ୍ନ,
ଯଉବନ କସା ଘାତେ।
ପିଡୀତ ପିଡୀତ କେତେ ଯୁବ ପିଢ଼ି,
ଭାସି ଗଲେ ଅନା କେତେ।
ଲକ୍ଷେ ଯଉବନ ଦୂଷିତ ହୋଇଛି,
ଦୂଷିତ ସଂସ୍କାର ବଳେ।
ଆଘାତ ଲାଗୁଛି ଦେଖି ବିଭୀଷିକା,
ଅକାଳରେ ମୃତ୍ୟୁ କେତେ।
କେତେ ଯୁବ ପିଢ଼ି ପ୍ରେମକୁ ଅଜାଡ଼ି,
ପବିତ୍ର ହେଲେ କି ସତେ।
ପ୍ରେମ ଯଦି କର ନିର୍ବିକାରେ ମର,
ସଫଳ ଲଭିବ ସତେ।
ଆଜି କାଲି ପ୍ରେମ ଦୂଷିତ ହୋଇଛି,
ଯଉବନ କାସା ଘାତେ।

### କବିର ସୃଷ୍ଟି

**ଦୀନବଂଧୁ ବେଜ**

କବି ଲେଖିଥାଏ କବିତା ଗୀତ
କିଛି ଗୀତ ଗାଇ ଗାଇକି,
କବି କଲମର ଅମଳୀନ କଥା
ଆଇନା ସମାଜ ପାଇଁକି ।
କବି ଲେଖିଥାଏ ପଲ୍ଲୀରୁ ଦିଲ୍ଲୀ
ନାନା କଥା ନଥା ଘଟଣା,
ପଢିକି ସମାଜ ଏଥିରୁ ସୁଧୁରେ
ଶିଖିଥାଏ ନାନା ଶଣ୍ଢଣା ।
ସମାଜ ସଂସ୍କୃତି ଧର୍ମ ପରମ୍ପରା
ଏଥୁ ଦୀର୍ଘାୟୁ ହୋଇଥାଏ,
ଆମ ପୂଜାପାଠ ପୁରାଣର ବିଧି
ଏ କଥା ସଦା କହିଥାଏ ।
ଜପ ତପ ଧ୍ୟାନ ମନ୍ତର ସବୁ
କବି ଲେଖକର ଚିନ୍ତନ,
ଏ ସବୁ ସମାଜ ଉନ୍ନତି ପାଇଁ
ହୁଏ ପୁସ୍ତକରେ ସ୍ଥାପନ ।
ତ୍ୟାଗ ତିତୀକ୍ଷା ଏବ ସନାତନ
ପ୍ରାଚୀନ ପରା ଧର୍ମବାଣୀ,
କବିର କଲମ ତାହା ଲେଖଇ
ପାଠକ ହୃଦ ଜାଣି ଜାଣି ।
କବି ଟିଏର କାଳଜୟୀ ସୃଷ୍ଟି
ସମାଜର ହିତ କରିଥାଏ,
ସାରା ସଂସାର ଏହି ସର୍ଜନାର
ମହକ ଆଘ୍ରାଣ କରିଥାଏ ।

ମାଲକାନଗିରି, ଓଡ଼ିଶା

### ଶୀତରେ ସୁନ୍ଦରୀ ଧରା

**ତୃପ୍ତିରାଣୀ ପାତ୍ର**



ହେମନ୍ତର ଶେଷେ ସୁମନ ସରସେ
କେତେ ରଙ୍ଗ ପୁଷ୍ପ ବେଶେ
ଛୋଟ ହୋଇଯାଏ ସମୟ ଦିବସେ
ବଢ଼େ ପଉଷ ପ୍ରଦୋଷେ ।

ଥିରିଥିରି ଆସେ ସଭିଙ୍କର ପାଶେ
ଛୁପି ଛୁପି ମିତ ବସେ
ଶୀତରେ ସୁନ୍ଦରୀ ଧରଣୀ ହରଷେ
ଥାପି ଥାପି ପ୍ରୀତେ ହସେ ।

ସକାଳର ରବି କିରଣ ହରଷେ
ସୁବର୍ଣ୍ଣ ରେଣୁ ପରଶେ
ପରିଧାନ ପରିକ୍ରମା ପରିବେଶେ
ସକଳ ଶକ୍ତି ସରସେ ।

କୁହୁଡ଼ି ଆଚ୍ଛନ୍ନ ଚତୁର୍ଦ୍ଦିଗ ବେଶେ
ଧୂମ୍ର ଧୂସରିତ ଦିଶେ
ପ୍ରାତେଃ ଦୁର୍ବାଦଳ ଆଭାବିଭାକାଶେ
ବିମଳ କିରଣେ ଝାସେ ।

ମାଘମାସ ଶୀତ ବାଘ ସମ ଆସେ
ସେବତୀ ଡାଲିଆ ବାସେ
ରଙ୍ଗ ବେରଙ୍ଗରେ ଧରଣୀ ହରଷେ
ଚଷା ଭାଇ ପ୍ରୀତେ ହସେ ।

ଶୀତ ସୁନ୍ଦରୀର ରୂପ ନବରସେ
ବିମୋହିତ ବଧୂ ବେଶେ
ମେଳା ମହୋତ୍ସବ
ଯାତ୍ରା ବର୍ଷ ଶେଷେ
ବିଭୁ ବରଦାନ ଆଶେ ।

ସହଦେବଖୁଣ୍ଟା,ବାଲେଶ୍ୱର

## ଦିନସାରା ଭୋକ ଲାଗୁନି କି... କରନ୍ତୁ ଏହି ୪ ସହଜ ଆସନ

ଭୋକର ଅଭାବ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ଭୋକ ନ ଲାଗିବା ଏବଂ ଦିନସାରା ନ ଖାଇ ରହିବା ଏକ ସାଧାରଣ ସମସ୍ୟା ଯାହା ଯେକୌଣସି ବୟସରେ କାହା ସହିତ ବି ହୋଇପାରେ। ତେବେ ଏହା ପଛରେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଥାଇପାରେ। ମଧୁମେହ, ଥାଇରଏଡ୍, କର୍କଟ କିମ୍ବା ଅନ୍ୟାନ୍ୟ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ହେତୁ ମଧ୍ୟ ଭୋକ କମିଯାଏ। ମାନସିକ ଚାପ ଏବଂ ଚିନ୍ତା ମଧ୍ୟ ଭୋକ ଲାଗିବାର ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଅନିୟମିତ ଏବଂ ଅସମ୍ପୂର୍ଣ୍ଣ ଖାଦ୍ୟ, ବ୍ୟସ୍ତବହୁଳ ଜୀବନଶୈଳୀ, ଔଷଧ ଖାଇବା, ମାସିକ ଋତୁସ୍ରାବ ଇତ୍ୟାଦି ଅନେକ କାରଣରୁ ଭୋକ କମିପାରେ। ଭୋକର ଅଭାବ ମଧ୍ୟ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହି କାରଣରୁ, ଓଜନ ହ୍ରାସ ହୁଏ, ଦୁର୍ବଳତା ଆସିପାରେ ଏବଂ ଦୀର୍ଘ ସମୟ ଧରି ଖାଲି ପେଟରେ ରହୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟାଧି ସାମ୍ନା କରିବାକୁ ପଡିପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପିଠି ପଟିଆ ଶୋଇପଡନ୍ତୁ
- ଆଣ୍ଠୁକୁ ଭାଙ୍ଗି ଦୁଇ ଗୋଡକୁ ପେଟଆଡକୁ ଆଣନ୍ତୁ
- ଦୁଇ ପାପୁଲିକୁ ଛନ୍ଦି ଆଣ୍ଠୁ ଉପରେ ରଖନ୍ତୁ
- ଶ୍ୱାସ ଛାଡନ୍ତୁ ଆଉ ମୁଣ୍ଡ ଉଠାନ୍ତୁ
- ଆଣ୍ଠୁକୁ ଭିଡି ନାକରେ ଛୁଇଁବାକୁ ଚେଷ୍ଟା କରନ୍ତୁ
- କିଛି ସମୟ ରଖିବା ପରେ ମୂଳ ଅବସ୍ଥାକୁ ଆସନ୍ତୁ



ଧନୁରାସନ: ଓଜନ ହ୍ରାସ କରିବା ସହିତ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ଭୋକ ନ ଲାଗିବାର ସମସ୍ୟାକୁ ଦୂର କରିବା ପାଇଁ ଧନୁରାସନକୁ ବହୁତ ଭଲ ଆସନ ଭାବେ ବିବେଚନା କରାଯାଏ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ଆଣ୍ଠୁକୁ ଭାଙ୍ଗି ଗୋଡ ଉପରକୁ ଆଣନ୍ତୁ
- ଦୁଇ ହାତରେ ବଳାଗଣ୍ଠିକୁ ଧରନ୍ତୁ
- ଛାତି ଏବଂ ଗୋଡକୁ ଉପରକୁ ଉଠାନ୍ତୁ
- ବାହୁ ଏବଂ ଜଙ୍ଘରେ ପଡୁଥିବା ପ୍ରଭାବକୁ ଅନୁଭବ କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରହିବା ପରେ, ଧୀରେ ଧୀରେ ପ୍ରାରମ୍ଭିକ ସ୍ଥିତିକୁ ଆସନ୍ତୁ



ବଜ୍ରାସନ: ବଜ୍ରାସନ ଅଭ୍ୟାସ କରିବା ଦ୍ୱାରା ଭୋକ ବଢିଥାଏ। ଆପଣ ଏହି ଆସନକୁ ଯେକୌସି ସମୟରେ ଏବଂ ଯେକୌଣସି ସ୍ଥାନରେ କରିପାରିବେ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ
- ପାଦ ମଝିଅରେ ଫାଙ୍କ ନ ରହିବା ଉଚିତ, ଦୁଇ ପାଦର ଆଙ୍ଗୁଠି ମିଶେଇ ରଖନ୍ତୁ
- ପିଚାକୁ ଗୋଇଠି ଉପରେ ରଖନ୍ତୁ
- ଅଣ୍ଟାକୁ ସିଧା ରଖନ୍ତୁ ଏବଂ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ
- ଉଭୟ ଆଣ୍ଠୁ ପରସ୍ପରକୁ ଲାଗିବା ଉଚିତ
- କିଛି ସମୟ ଏହିପରି ବସି ସାଧାରଣ ଭାବରେ ଶ୍ୱାସ ନେବାରେ ଧ୍ୟାନ ଦିଅନ୍ତୁ
- କିଛି ସମୟ ପରେ ସାଧାରଣ ସ୍ଥିତିକୁ ଆସନ୍ତୁ



ଭୁଜଙ୍ଗାସନ: ଭୋକ ନ ଲାଗିବାର ଗୋଟିଏ କାରଣ ହୋଇପାରେ ପେଟରେ ଗଡବଡ। ଭୁଜଙ୍ଗାସନ ଅଭ୍ୟାସ କରିବା ଦ୍ୱାରା ଭୋକ ନ ହେବାର ସମସ୍ୟାର ସମାଧାନ ହୋଇପାରେ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ଲାଭଦାୟକ ହୋଇଥାଏ।

କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ହାତକୁ କାନ୍ଧର ଦୁଇ ପାର୍ଶ୍ୱରେ ରଖନ୍ତୁ
- ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ବର୍ତ୍ତମାନ ଉଭୟ ହାତ ଉପରେ ଚାପ ଦେଇ ଶରୀରର ଆଗ ଭାଗକୁ ଉଠାନ୍ତୁ
- ଏହି ଅବସ୍ଥାରେ ଆକାଶ ଆଡକୁ ଚାହିଁ ସାଧାରଣ ଶ୍ୱାସକ୍ରିୟା କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ
- ତାପରେ ଧୀରେ ଧୀରେ ଆରମ୍ଭ ସ୍ଥିତିକୁ ଆସନ୍ତୁ



## ପରିବା ସୁପ୍

ଆବଶ୍ୟକ ସାମଗ୍ରୀ:
ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର।




ପ୍ରସ୍ତୁତି:
ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ

ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍‌କୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଗୁରୁବାରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।

- ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।
- ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।
- ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।
- ପୂଜା ସମ୍ପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଲକ ଲଗାଇଲେ ଶୁଭ ଫଳ ମିଳିଥାଏ ।
- 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।




- ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।
- ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।
- ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।
- ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

## ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି

ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।



## ଆପଣ କ୍ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍




କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ୍ୟ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

# ସେଲ ଆରଏସପି ଷ୍ଟୋର ବିଭାଗ ଦ୍ୱାରା ଅଣ-ଗତିଶୀଳ ଭଣ୍ଡାର ସାମଗ୍ରୀର ପ୍ରଦର୍ଶନୀ ଆୟୋଜିତ



ରାଉରକେଲା, ୧୭/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ଷ୍ଟୋର ବିଭାଗ ଦ୍ୱାରା ଆଧୁନିକୀକରଣ ଷ୍ଟୋରରେ ଅଣ-ଗତିଶୀଳ ତଥା ଅଣ-ଗତିଶୀଳ ପ୍ରାୟ ଭଣ୍ଡାର ସାମଗ୍ରୀ ଉପରେ ଡିସେମ୍ବର ୧୬ ତାରିଖରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଉତ୍ସବରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ବହୁ ମୁଖ୍ୟମହାପ୍ରବନ୍ଧକ ଓ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଉତ୍ସବ ପାଳନ ଉପଲକ୍ଷେ ଚାରା ରୋପଣ କରିଥିଲେ।

ଶ୍ରୀ ଭୌମିକ ତାଙ୍କର ଉଦଘାଟନୀ ଅଭିଭାଷଣରେ ଏପରି ପ୍ରଦର୍ଶନୀ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ସଠିକ୍ ପରିମାଣ ଏବଂ ସଠିକ୍ ଗୁଣବତ୍ତା ବିଶିଷ୍ଟ ଉପକରଣ ଓ ଯନ୍ତ୍ରପାତିର କ୍ରୟର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବ। ବୃହତ ପରିମାଣର ଡିଜିଟାଲାଇଜେସନ୍ ଏବଂ ଅଟୋମେସନ୍ ଗ୍ରହଣ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ଯାହାଦ୍ୱାରା ଇନଭେଣ୍ଟୋରୀ ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ ହେବା ସହିତ ଏହାକୁ ହ୍ରାସ କରାଯାଇପାରିବ। ଅନାବଶ୍ୟକ କ୍ରୟକୁ ଏଡ଼ାଇବା ଏବଂ ସର୍ବୋତ୍କୃଷ୍ଟ ଉତ୍ସ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକତା ଉପରେ ୧୦ ବର୍ଷର ବିଶ୍ଳେଷଣ ଉପରେ ଆଧାରିତ ନିଷ୍ପତ୍ତି ନେବାକୁ ଶ୍ରୀ ତରୁଣ ମିଶ୍ର ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୋଗ ଦେଇ ଶ୍ରୀ ଏ କେ ବେହୁରିଆ କହିଥିଲେ ଯେ ଇନଭେଣ୍ଟୋରୀ ହେଉଛି କାର୍ଯ୍ୟ ପୁଞ୍ଜିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଏବଂ ଆର୍ଥିକ ଦକ୍ଷତା ବୃଦ୍ଧି ପାଇଁ ଇନଭେଣ୍ଟୋରୀ ଧାରଣ ସମୟକୁ କମ୍ କରିବାକୁ ପ୍ରୟାସ କରାଯିବା ଉଚିତ୍। ଶ୍ରୀ ପଲାଇ ଅଣ-ଗତିଶୀଳ ଭଣ୍ଡାର ସାମଗ୍ରୀ ଦ୍ୱାରା ସୃଷ୍ଟି ଆହ୍ୱାନ ଉପରେ ଆଲୋକପାତ କରିଥିଲେ ଏବଂ ରଣନୀତିକ ଉପଯୋଗ ଦ୍ୱାରା ଏହି ଆଇଟମଗୁଡିକୁ କମ୍ କରିବାର ଉପାୟ ଅନୁସନ୍ଧାନ କରିବାକୁ ବିଭାଗ ମୁଖ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ସୁଦୀପ ପାଲ ଚୌଧୁରୀ ତାଙ୍କ ଅଭିଭାଷଣରେ ଏକ ଧାନ କ୍ଷେତ୍ର ଭାବରେ ଭଣ୍ଡାର ପରିଚାଳନାରେ ଡିଜିଟାଲାଇଜେସନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଅନିଲ କୁମାର, ଇନଭେଣ୍ଟୋରୀ ପରିଚାଳନା ପ୍ରକ୍ରିୟାଗୁଡ଼ିକୁ ସୂଚାରୁ, ଦକ୍ଷ ଏବଂ କାର୍ଯ୍ୟକ୍ଷମ ଆବଶ୍ୟକତା ସହିତ ସମାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆରମ୍ଭରେ, ଜିଏମ୍ ଇନ୍-ଚାର୍ଜ (ଏମଏମ୍-ଷ୍ଟୋରସ୍, ଇନ୍ସପେକ୍ସନ୍ ଆଣ୍ଡ ଏସସି) ଶ୍ରୀ ଏନ ଆର ରାୟଚୌଧୁରୀ ଏହି ସମାବେଶକୁ ସ୍ୱାଗତ କରିଥିଲେ ଏବଂ ପ୍ରଦର୍ଶନର ଏକ ଅନ୍ତର୍ନିହିତ ସମୀକ୍ଷା ପ୍ରଦାନ କରିଥିଲେ। ଜିଏମ୍ (ଏମଏମ୍-ଷ୍ଟୋରସ୍) ଶ୍ରୀ ଏସ୍ ବେହେରା, କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ ସହ ସାମଗ୍ରୀ ବର୍ଗୀକରଣ ଏବଂ ଦକ୍ଷ ଉପଯୋଗର ଗୁରୁତ୍ୱ ଦର୍ଶାଇଥିଲେ। ଡେପୁଟି ମ୍ୟାନେଜର ଶ୍ରୀ ମହେଶ୍ୱର ମହନ୍ତ ଷ୍ଟୋର ବିଭାଗର ମହତ୍ତ୍ୱ ତଥା ଡ଼ିଆଇସିଙ୍କ ନେତୃତ୍ୱରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଉପରେ ଏକ କବିତା ପାଠ କରିଥିଲେ, ଯାହାକୁ ପରେପରେ ଶ୍ରୀ ଭୌମିକଙ୍କୁ ଭେଟି ଦିଆଯାଇଥିଲା। ଏମ୍ ଏମ୍-ଷ୍ଟୋରସ୍ ବିଭାଗର ଡିଜିଏମ୍ ଶ୍ରୀମତୀ ଅନିନ୍ଦିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଜିଏମ୍ ଶ୍ରୀ ବସନ୍ତ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପୂର୍ବରୁ ଡ଼ିଆଇସି ଆଧୁନିକୀକରଣ ଷ୍ଟୋର ରେ ଦୁଇଟି ନୂତନ ଶେଡ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମସ୍ତ ନିର୍ବାହୀ ନିର୍ଦ୍ଦେଶକଙ୍କ ସହ ଡ଼ିଆଇସି ଚାରା ରୋପଣ ମଧ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୧୬ରୁ ୩୧ ତାରିଖ ମଧ୍ୟରେ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀରେ ବିଭିନ୍ନ ଆଇଟମ୍ ପ୍ରଦର୍ଶିତ ହୋଇଛି ଯାହା ଅଣ-ଗତିଶୀଳ ତଥା ଅଣ-ଗତିଶୀଳ ପ୍ରାୟ ଇନଭେଣ୍ଟୋରୀ ଭାବରେ ବିବେଚିତ ହେଉଛି ଯାହା ମଧ୍ୟରେ ପ୍ରକଳ୍ପ ବଳକା ସାମଗ୍ରୀ, ଅତିରିକ୍ତ ସାମଗ୍ରୀ ଏବଂ ଅନାବଶ୍ୟକ ଆଇଟମ୍ ସହିତ ବିଭିନ୍ନ ବିଭାଗ ସାମିଲ ରହିଛି ଯାହାକୁ ବିଭିନ୍ନ ୟୁନିଟ ନିରୀକ୍ଷଣ କରି ସାମଗ୍ରୀ ଯାଞ୍ଚ କରି ନିଜନିଜ ବିଭାଗରେ ବ୍ୟବହାର ପାଇଁ ଇଣ୍ଡେଣ୍ଟ କରିପାରିବେ।

# ଓଡ଼ିଶା ଷ୍ଟେଟ୍ ବକ୍ସି ଚମ୍ପିୟାନସିପ୍‌ରେ ଜୟପୁର ମୁଷ୍ଟିଯୋଦ୍ଧାଙ୍କ ସ୍ୱର୍ଣ୍ଣ ପଦକ ଲାଭ

ଜୟପୁର, ୧୭/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଆମାଚର୍ ବକ୍ସି' ଆସୋସିଏସନ୍ ଦ୍ୱାରା ପରିଚାଳିତ ଅରିଜିତ ବକ୍ସି କ୍ଲବ୍ ରେ ପ୍ରଶିକ୍ଷଣ ନେଉଥିବା ଜୟପୁର ନିବାସୀ ପି.ସମୀର ପାତ୍ର, ସଞ୍ଜୀବ ହରିଜନ, ଯତୀନ ଶର୍ମା ଏବଂ ଟି. ଶଙ୍କର ରାଉରକେଲା ହକି ଷ୍ଟାଡ଼ିୟମ୍ ରେ ତା-୧୪.୧୨.୨୦୨୪ ଏବଂ ୧୫.୧୨.୨୦୨୪ ରିଖରେ ଅନୁଷ୍ଠିତ ଓଡ଼ିଶା ଷ୍ଟେଟ୍ ବକ୍ସି ଚମ୍ପିୟାନସିପ୍ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ପି.ସମୀର ପାତ୍ର ୯୧ କି.ଗ୍ରା. ବର୍ଗରେ ଏବଂ ଯତୀନ ଶର୍ମା ୬୫-୭୦ କି.ଗ୍ରା. ବର୍ଗରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉପରୋକ୍ତ ଚାରି ଜଣ ମୁଷ୍ଟିଯୋଦ୍ଧା ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ର ସଦସ୍ୟ ତଥା କୋରାପୁଟ ଜିଲ୍ଲା ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ଅନୁପ କୁମାର ପାତ୍ର ଏବଂ ଓଡ଼ିଶା ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ରବି ନାୟକଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ଓଡ଼ିଶା ଷ୍ଟେଟ୍ ବକ୍ସି ଚମ୍ପିୟାନ୍‌ସିପ୍ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିବା ସହ ଜୟପୁର ସହର ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଏବଂ ଗୌରବ ଅର୍ଜନ କରିଛନ୍ତି । ବିଜୟୀ ମୁଷ୍ଟିଯୋଦ୍ଧାଙ୍କୁ କୋରାପୁଟ ଜିଲ୍ଲା ଆମାଚର୍ ବକ୍ସି ଆସୋସିଏସନ୍ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ କୋରାପୁଟ ଜିଲ୍ଲାରେ ଲୋକଲୋଚନ ଅନ୍ତରାଳରେ ରହିଯାଉଥିବା ମୁଷ୍ଟିଯୋଦ୍ଧାଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ଏବଂ ପ୍ରତିଷ୍ଠିତ କରିବା ସକାଶେ ତାଙ୍କ ଅନୁଷ୍ଠାନ ଉଦ୍ୟମ ଅବ୍ୟାହତ ରଖିବ ବୋଲି କୋଚ୍ ଅରିଜିତ ମହାପାତ୍ର କହିଛନ୍ତି ।

# ଓଲଟିଲା ଯାତ୍ରୀବାହୀ ବସ୍: ୮ ଆହତ

ଖୋର୍ଦ୍ଧା, ୧୭/୧୨ (ନି.ପ୍ର): ବିଳମ୍ବିତ ରାତିରେ ୫୭ ନଂ ରାଜପଥ ବାଘମାରୀ ନିକଟରେ ଓଲଟିଲା ଯାତ୍ରୀବାହୀ ବସ୍ । ବସ୍ ଓଲଟିବା ଫଳରେ ବସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରୁ ଛୋଟ ପିଲା ସମେତ ୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତ ମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଗଞ୍ଜାମ ସୋରଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଚକାଡୋଳା ନାମକ ଯାତ୍ରୀବାହୀ ବସ୍ ଟି ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବାଘମାରୀ ନିକଟରେ ରାସ୍ତା କଡ଼ରେ ଥିବା ଏକ ଇଲେକ୍ଟ୍ରିପୋଲ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ତେବେ ଏହି ଦୁର୍ଘଟଣା ରାତି ପ୍ରାୟ ଅଢ଼େଇଟା ସମୟରେ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଂଚି ବସ୍ ଜରୁରିକାଳୀନ ଗେଟ୍ ଦେଇ ଯାତ୍ରୀଙ୍କୁ ଉଦ୍ଧାର କରି ବାହାରକୁ ବାହାର କରିଥିଲେ। ଜଣେ ୧୨ ବର୍ଷର ନାବାଳକ ହାତ ତଳେ ଚାପି ହୋଇ ରହିଯାଇଥିଲା। ତେବେ ଶିଶୁଟିର ଜୀବନ ରକ୍ଷା କରିବା ପାଇଁ ଜେସିବି ଲଗାଇ ବାହାର କରାଯାଇଛି। ଆହତମାନଙ୍କୁ ସ୍ଥାନୀୟ ଯୁବକ ଓ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ବସ୍ ରେ ପ୍ରାୟ ୬୦ ଯାତ୍ରୀ ଥିବାବେଳେ ଦୁର୍ଘଟଣାରେ ଜଣେ ଶିଶୁ ସହ ୮ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣାର କାରଣ କ'ଣ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବା କିମ୍ବା କୁହୁଡ଼ି କାରଣ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି।

# ବର୍ଷକର କଷ୍ଟର୍ଜିତ ୨୫ବସ୍ତା ଧାନ ଜାଳିଦେଲେ ଦୁର୍ବୃତ୍ତ



ନୀଳଗିରି, ୧୭/୧୨ (ନି.ପ୍ର): ବରହମପୁର ଥାନା ଅଧୀନ ବାଉଁଶପାଳ ଗ୍ରାମର ନୟନ ପାତ୍ର ଏକମାଣ ଜମି ଭାଗଚାଷ କରିଥିବା ବେଳେ ରବିବାର ରାତିରେ ସମସ୍ତ କଳେଇଧାନକୁ ବିଲରେ ଝାଡି ୨୫ବସ୍ତା ଧାନକୁ ଉକ୍ତ ବିଲରେ ରଖି ଘରକୁ ଆସିଥିଲେ। ସୋମବାର ସକାଳୁ ଉକ୍ତଧାନକୁ ଆଣିବାକୁ ଯାଇଥିବା ବେଳେ ବିଲରେ ନିଆଁ ଲାଗିଥିବା ଦେଖିଥିଲେ। ସ୍ଥାନୀୟ କିଛି ଲୋକଙ୍କ ସହମିଶି ନିଆଁ ଲିଭାଇଥିଲେ ମଧ୍ୟ ସମସ୍ତ ୨୫ବସ୍ତା ଧାନ ପୋଡି ପାଉଁଶ ହୋଇଯାଇଥିଲା। ତେବେ ନିକଟରେ ମଦ କାଉଣ୍ଟର ଥିବାରୁ କେହି ଦୁର୍ବୃତ୍ତ ମଦ ପିଇ କୁଟାଗଦାରେ ନିଆଁ ଲଗାଇବା ସହ ସେଠାରେ ରଖାଯାଇଥିବା ଧାନରେ ମଧ୍ୟ ନିଆଁ ଲଗାଇଥିବା ନୟନ ବରହମପୁର ଥାନାରେ ଅଭିଯୋଗ କରିଛନ୍ତି। ନୟନ ଓ ତାଙ୍କ ସ୍ୱାମୀ ବୃନ୍ଦାବନ ଦିବ୍ୟାଙ୍ଗ ହୋଇଥିବାରୁ ଧାର,କରଜ କରି ପର ବିଲରେ ଭାଗଚାଷ କରିଥିଲେ। ସମସ୍ତ ଧାନ ଜଳିଯିବାରୁ ସେମାନଙ୍କ ବର୍ଷକର ଦାନା ଚାଲିଯାଇଥିବା ବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ମାତ୍ର ପରିତାପର ବିଷୟ ଥାନାରେ ଅଭିଯୋଗ ପରେ ମଧ୍ୟ ଘଟଣାର ଯାଞ୍ଚ କରିବାପାଇଁ କୌଣସି ଅଧିକାରୀ ଯାଇନଥିବାରୁ ଚିନ୍ତା ଓ ଆଶଙ୍କାରେ ଅଛନ୍ତି ପରିବାର ଲୋକ।

## ହାଡିଆଠାରେ ପଂଚାୟତସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୧୭/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ଏପିଓ ସନ୍ତୋଷି ମହାପାତ୍ର, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ସରପଂଚଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରେଳ ଲାଇନ ଉପରେ ବ୍ରିଜ, ପାନୀୟ ଜଳ ସମସ୍ୟାର ସମାଧାନ, ରାସ୍ତା ନିର୍ମାଣ ଆଦି ଅଭିଯୋଗ ଜଣାଇଥିଲେ ।

# ଚାଷୀଙ୍କ ନିମନ୍ତେ ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ

ପୁରୀ, ୧୭/୧୨ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ନିମନ୍ତେ ସଚେତନତା ରଥ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଚଳିତ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଜିଲ୍ଲାରେ ଆସନ୍ତା ଜାନୁଆରୀ ମାସ ୩ ତାରିଖରୁ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଂଟାଲ ପିଛା ୨୩୦୦ ଟଙ୍କା ଅଛି। ଏହା ଉପରେ ରାଜ୍ୟ ସରକାରଙ୍କ ତରଫରୁ ଚାଷୀ ବିକ୍ରି କରିଥିବା ପ୍ରତି କୁଇଂଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ରାଶି ପ୍ରଦାନ କରାଯିବ। ଏହିପରି ଭାବେ ପ୍ରତ୍ୟେକ ବିକ୍ରି ହୋଇଥିବା ଧାନ ବାବଦରେ ଚାଷୀ କୁଇଂଟାଲ ପିଛା ୩୧୦୦ ଟଙ୍କା ପାଇବେ।ଏହା ସାଧାରଣ କିସମ ଓ ଉଇଛ ମାନର ଧାନ ନିମନ୍ତେ ପ୍ରଯୁଜ୍ୟ ଅଟେ। ସମସ୍ତ ଚାଷୀ ଧାନକୁ ଭଲଭାବରେ ଶୁଖାଇ ଓ ସଫା କରି ମଣ୍ଡିକୁ ଆଣିବା ପାଇଁ ଏହି ରଥ ପ୍ରତ୍ୟେକ ଗ୍ରାମ ବୁଲି ମାଇକ ଓ ପ୍ରଚାର ପତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରିବ। ଉଇଛ ମାନର ଧାନ ସମ୍ବନ୍ଧରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ଓ ନିମାପଡା ତରଫରୁ ଦୁଇ ଗୋଟି ପ୍ରଚାର ରଥ ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ହୋଇଛି। ଏହି ଜିଲ୍ଲାରେ ଆସନ୍ତା ଜାନୁଆରୀ ୩ ତାରିଖରୁ ପିପିଲି, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ଅଂଚଳରେ ମଣ୍ଡି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପୁରୀ ସଦର ଓ ସତ୍ୟବାଦୀ ବ୍ଲକ୍ ଅଂଚଳରେ ଜାନୁଆରୀ ୬ ତାରିଖରୁ ଏବଂ ଅନ୍ୟାନ୍ୟ ବ୍ଲକ୍ ଅଂଚଳ ଯଥା କଣାସ, ଗୋପ,ଅସ୍ତରଙ୍ଗ, କାକଟପୁର, ନିମାପଡା ଓ ଡେଲାଙ୍ଗ ବ୍ଲକ୍ ଅଂଚଳରେ ଜାନୁଆରୀ ୭ ତାରିଖରୁ ମଣ୍ଡି ଆରମ୍ଭ ହେବ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମବାୟ ସମିତି ସମୂହର ଉପ ନିର୍ଦ୍ଦେଶକ ସୁନିତା ପତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହକାରୀ ନିବନ୍ଧକ ସ୍ୱରୂପ କୁମାର କର, ସାକ୍ଷୀ ଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଜିତେନ୍ଦ୍ର ଦାସ, ନିମାପଡା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଶାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ପାଦ ଫଟା ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୭/୧୨ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଶୀତଦିନିଆ ପାଦ, ଓଠ, ଚର୍ମ ଫଟା ରୋଗ ପ୍ରତିରୋଧ ପାଇଁ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଶୀତଦିନେ ଥଣ୍ଡା ଶୁଷ୍କ ବାୟୁ ବହିବା, ଧୂଳିକଣା,ଧାନ ଅମଳ ପାଇଁ ଶୁଷ୍କ ଜମିରେ କାମ କଲେ ଶୁଷ୍କ, ରୁକ୍ଷ ଶରୀର ଅଧିକ ଶୁଷ୍କ ହୋଇ ଓଠ,ପାଦ, ଶରୀର ଚର୍ମ ଫାଟେ। ରକ୍ତ ବାହାରେ। ସମ୍ପୂର୍ଣ୍ଣ ଶରୀରକୁ ଘୋଡାଇ ରଖନ୍ତୁ। ଶରୀରକୁ ସଫା ରଖନ୍ତୁ। ନଡ଼ିଆ ତେଲ, ସୋରିଷ ତେଲ, ଗୋ ଘୃତ କୌଣସି ଗୋଟିଏ ଲଗାନ୍ତୁ। ଗୁଡ, ଲବଣ, ତେନ୍ତୁଳି ଗଛ ମୂଳ ଛାଲି ଘୃତ ସହ ବାଟି ଫଟା ଜାଗାରେ ଲଗାନ୍ତୁ। ଝୁଣା, ସୈନ୍ଧବକୁ ଘିଅ, ମହୁ ସହ ବାଟି ଲଗାନ୍ତୁ ।ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ।

# ବିଜେଡି ଛାଡି ବିଜେପିରେ ସାମିଲ୍ ହେଲେ ଜୟପୁର ବ୍ଲକ ଅଧ୍ୟକ୍ଷା

ଜୟପୁର, ୧୭/୧୨ (ନି.ପ୍ର): ବିଜେଡି ଛାଡି ବିଜେପିରେ ସାମିଲ ହେଲେ ଜୟପୁର ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି । ଆଜି ଭୁବନେଶ୍ୱର ଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ବିଜେପି କାଯ୍ୟାଳୟରେ ଜୟପୁର ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲିଙ୍କ ସହ ୧୪ ଜଣ ସରପଂଚ, ସମିତି ସଭ୍ୟ ଓ ନାଏବ ସରପଂଚ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଏହି ସୂଚନା ପାଇବା ପରେ ଜୟପୁର ବିଜେଡିକୁ ଶକ୍ତ ଝଟକା ଲାଗିଛି । ଜୟପୁର ବ୍ଲକ ଅଧ୍ୟକ୍ଷା ତିଳେତମା ମୁଦୁଲି ଅଭିଯୋଗ କରିଛନ୍ତି ଯେ, ବିଜେଡି ଆଦିବାସୀ ବିରୋଧି, ବ୍ଲକରେ କୌଣସି ବିକାଶମୂଳକ କାର୍ଯ୍ୟରେ ବିଜେଡି ନେତୃତ୍ୱ ସହଯୋଗ କରୁ ନଥିଲେ । ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ବିଜେପିକୁ ଭରସା କରି ସେ ଦଳରେ ସାମିଲ ହୋଇଛନ୍ତି ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ : ଭୁବନେଶ୍ୱରକୁ ହରାଇ ସେମିରେ ୟୁନିକ ଭଦ୍ରକ

ଧର୍ମଶାଳା, ୧୭/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ- ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୧ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ୟ କ୍ୱାଟର ଫାଇନାଲ ମ୍ୟାଚରେ କିଶୋର କ୍ଲବ ଭୁବନେଶ୍ୱରକୁ ହରାଇ ୨ୟ ଦଳଭାବେ ୟୁନିକ୍ ଏକାଡେମୀ ଭଦ୍ରକ ସେମିଫାଇନାଲରେ ପ୍ରବେଶ କରିଛି । ୟୁନିକ୍ ଭଦ୍ରକ ପ୍ରଥମେ ଟସ୍‌ରେ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨,୩ ଓଭରରେ ସମସ୍ତ ଉଇକେଟ ହରାଇ ବିଶାଳ୨୨୩ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରୋହିତ ସାଗର ୪୬ ଓ ସାହିଲ ଖାଁନ ୪୨ ରନ ସଂଗ୍ରହ କରିଥିଲେ । ଜବାବରେ ୨୨୪ ରନର ବିଜୟ ଲକ୍ଷ୍ୟ ନେଇ ଭୁବନେଶ୍ୱର ୨୨.୫ ଓଭରର ସମ୍ମୁଖୀନ ହୋଇ ସମସ୍ତ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ୨ୟ ଦଳଭାବେ ୟୁନିକ୍ ସେମି ଫାଇନାଲରେ ପ୍ରବେଶ କରିଛି । ଭୁବନେଶ୍ୱର ପକ୍ଷରୁ ବିଶ୍ୱରଂଜନ ମାଝି ୫୫ ଓ ମୟଙ୍କ ପଟ୍ଟନାୟକ ୪୨ ରନ ସଂଗହ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସତ୍ୟସାଇ କ୍ଲବର ସଭାପତି ପ୍ରୀୟନାଥ ରାଉତ ରୋହିତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ଶରତ ଜେନା ଓ ସନ୍ତୋଷ ପତି ପରିଚାଳନାରେ କରିଥିଲେ । ଭାଷ୍ୟକାର ଓ ସ୍କୋରରଭାବେ ସୁନିଲ ସାହୁ, ରୋସନ ଜେନା, ରାଜା ଜେନା,ସାଇଲଗ୍ନଜିତ ଜେନା, ପ୍ରିୟନାଥ ରାଉତ, ଉଦୟ ରଣା, ଅରୁଣ ପତି ଓ ମହମ୍ମଦ ଇମ୍ରାନ ପ୍ରମୁଖ ସହଯୋଗ କରିଥିବା ବେଳେ ଆଜି ମ୍ୟାଚକୁ ରଘୁନାଥ ଜେନା, ମାଧବାନନ୍ଦ ଜେନା, ହେମନ୍ତ ସାହୁ, ରଂଜିତ ନାୟକ, ଦିଲ୍ଲୀପ ଜେନା, ଉତ୍କଳ ଜେନା, ବାଦଲ ରାୟ, ଶୁକଦେବ ବିଶ୍ୱାଳ ଓ ଅଭିମନ୍ୟୁ ଦାସ ପ୍ରମୁଖ ସହଯୋଗ କରିଥିଲେ । ମଙ୍ଗଳବାର ଦିନ ୧ମ ସେମି ଫାଇନାଲ ମ୍ୟାଚ ୟୁନିକ୍ ଏକାଡେମୀ ଭଦ୍ରକ ସହିତ ଇଲେଭେନଷ୍ଟାର ଯାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟୋର ବିଭାଗର ଇଏସଏମ ଅଞ୍ଚଳର ରୂପାନ୍ତରିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ରାଉରକେଲା, ୧୭/୧୨ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଷ୍ଟୋରସ୍ ବିଭାଗର ଇଏସ୍ଏମ୍ ବେ ଅଞ୍ଚଳ ର ରୂପାନ୍ତରିକରଣ ନିମନ୍ତେ ଡିସେମ୍ବର ୧୬ ତାରିଖ ଦିନ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ବହୁ ମୁଖ୍ୟମହାପ୍ରବନ୍ଧକ ଓ ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଇଏସଏମ ଅଞ୍ଚଳ ର ରୂପାନ୍ତରିକରଣ ବିଭାଗର କାର୍ଯ୍ୟ ସାମର୍ଥ୍ୟକୁ ଅଧିକ ସୁଦୃଢ କରିବ। ଏହି ପ୍ରକଳ୍ପଗୁଡିକ ନିପୁଣ ଷ୍ଟୋରେଜ, ଉନ୍ନତତର ସାମଗ୍ରୀ ଉପଯୋଗ, ଏବଂ ସମସ୍ତ ବିଭାଗ ଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଲକ୍ଷ୍ୟ ରଖିଛି । କାର୍ଯ୍ୟ ଦକ୍ଷତାକୁ ବ୍ୟାପକ କରିବା ଓ ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗକୁ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ଆଗାମୀ ଦିନରେ, ଅଣଗତିଶୀଳ ସାମଗ୍ରୀର ନିପୁଣ ଉପଯୋଗ ପାଇଁ ଷ୍ଟୋରସ୍ ସାମୂହିକ ଇନଡେଣ୍ଟ କରୁଥିବା ସମସ୍ତ ବିଭାଗ ଗୁଡିକ ସହ ସକ୍ରିୟ ଯୋଗାଯୋଗ କରିବା ପାଇଁ ଯୋଜନା କରିଛି।



ଇଏସ୍ଏମ୍ ଅଞ୍ଚଳ ର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ବିଭାଗ ପାଇଁ ଅତ୍ୟନ୍ତ ଉଲ୍ଲେଖନୀୟ ଅଟେ କାରଣ ଏହା ଦୀର୍ଘଦିନରୁ ଆବଶ୍ୟକତା ଅନୁଭୂତ ହେଉଥିବା ସାମଗ୍ରୀ ସଂରକ୍ଷଣ ନିମନ୍ତେ ଅତିରିକ୍ତ ସ୍ଥାନ ସୃଷ୍ଟି କରିବ। ଇଏସ୍ଏମ୍ ଶେଡ୍ କାର୍ଯ୍ୟ ପ୍ରକଳ୍ପ ଆରମ୍ଭ ହେବା ବିଭାଗର କାର୍ଯ୍ୟକ୍ଷମ ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତର ଆହ୍ୱାନ ପୂରଣ ପାଇଁ ଅଙ୍ଗୀକାରଭାବକୁ ଦର୍ଶାଉଛି।

# ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ




ବାରିପଦା, ୧୭/୧୨ (ନି.ପ୍ର): ସ୍ଥାନୀୟ ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୂଲ୍ୟରେ ୧୫୪ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ଫୋରମର ସଭାପତି ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ ପୌରହିତ୍ୟ କରିଥିଲେ ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରାରମ୍ଭରେ ମହାରାଜା ଜାତି ପାଇଁ ସ୍ମୃତିର ଯବକାଚରେ ସର୍ବୋଚ୍ଚ ସିଡ଼ି ପି ଛିଣ୍ଡି ଯୁଗାନ୍ତକାରୀ ପୁରୁଷାର୍ଥ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଭଞ୍ଜ ଗୌରବ ପ୍ରଫେସର ମୋହିତ କୁମାର ଷଡ଼ଙ୍ଗୀ ମହାରାଜା ଅବଦାନ କ୍ଷେତ୍ରରେ ଦେବୋପମ ଚରିତ୍ରର କିନ୍ତୁ ମୟୂରଭଞ୍ଜ ମାଟି ଓଡିଶାକୁ ଦେଇଛି କେତେ ଏବଂ ପାଇଛି କେତେ ତାହାର ତର୍ଜମା ହେବା ଆବଶ୍ୟକ ବୋଲି ମନ୍ତବ୍ୟ ରଖିଥିଲେ । ଏହି ସଭାରେ ଫୋରମ୍‌ର ପେଟ୍ରୋନ୍ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଫୋରମର ଉପସଭାପତି ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର ପ୍ରଧାନ, ରାକେଶ ସିଂ, ଡ ଅକ୍ଷୟ ଅଗରୱାଲା, ସୌମ୍ୟ ରୂପଦାସ, ଜୈମୁନୀ ମହାନ୍ତ, ରାଜକିଶୋର ଆଚାର୍ଯ୍ୟ ଓ ଅନୀଲ ସିଂ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ଫୋରମ ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୬ତମ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ସେହି ଉତ୍ସବରେ ଚଳିତ ବର୍ଷ ଠାରୁ ଜିଲ୍ଲାର ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କର ୪୩ତମ ପେନସନ ଦିବସ ପାଳନ




ବାଲେଶ୍ୱର, ୧୭/୧୨ (ନି.ପ୍ର): ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘଗୃହରେ ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ୪୩ତମ ପେନସନ୍ ଦିବସ ପାଳନ କରାଯାଇଛି । ଜିଲ୍ଲା କୋଷାଗାର ଅଧିକାରୀ ରଘୁନାଥ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସେ ପେନସନର୍ସ ସମସ୍ୟା ସମାଧାନ ପାଇଁ ପ୍ରାଥମିକ ଗୁରୁତ୍ୱ ଦେଇ ସମାଧାନ କରନ୍ତି ବୋଲି କହିଥିଲେ । ଏଥିପାଇଁ ସମସ୍ତ ଉପକୋଷାଗାର ଅଧିକାରୀଙ୍କୁ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦେବା ସହିତ ବ୍ୟାଙ୍କ୍ ଅଧିକାରୀମାନଙ୍କୁ ସହଯୋଗ ଓ ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଥିବା କହିଥିଲେ । ସଭାପତି ଇଂ. ବନମାଳୀ ନାୟକ ଉକ୍ତ ଦିବସର ତାତ୍ପର୍ଯ୍ୟ, ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ପରିସ୍ଥିତି ତଥା ନୂତନ ପେନସନ ବ୍ୟବସ୍ଥାର ତ୍ରୁଟି ସମ୍ବନ୍ଧରେ କହିଥିଲେ । ପେନସନରମାନଙ୍କୁ ସବୁ ମହଲରୁ ସହଯୋଗ ପାଇଁ ନିବେଦନ କରିଥିଲେ । ପ୍ରାକ୍ତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ଗୁଣାକର ଦେ, କୁମୁଦ ରଞ୍ଜନ ଗିରି, ଶତ୍ରୁଘ୍ନ ପଣ୍ଡା, ଇଂ. ଗୌରାଙ୍ଗ ସାହୁ, ଦେବେନ୍ଦ୍ର ନାଥ ଚୌଧୁରୀ ଭାଗବତ ପ୍ରସାଦ ଦଳେଇ ଆଲୋଚନାରେ ଅଂଶ ଗ୍ରହଣ କରି ଉପାଦେୟ ମତ ପ୍ରଦାନ କରିଥିଲେ । ଶ୍ରୀମତୀ କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଅର୍ଥ ସମ୍ପାଦକ ଦାମୋଦର ନାୟକ ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରେନ୍ଦ୍ର ମହନ୍ତ, ବସନ୍ତ କୁମାର ନାୟକ, ସାବିତ୍ରୀ ଦାସ, ଜ୍ଞାନେନ୍ଦ୍ର ନାଥ ସାହୁ, କେଶବ ଚନ୍ଦ୍ର ମଲ୍ଲିକ, ଶଶାଙ୍କ ଶେଖର ଦତ୍ତ, ଜ୍ୟୋତ୍ସ୍ନା ରାୟ, ଅରୁଣା ରାୟ, ସଞ୍ଜୟ କୁମାର ପଣ୍ଡା, ହିମାଂଶୁ ଶେଖର ଦାସ, ଡ. ରମେଶ ଚନ୍ଦ୍ର ରାଉତ, ଶ୍ରୀରାମ ପ୍ରସାଦ ଦାସ, ବେଣୁଧର ପାଳ, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ନିଆସି ଚରଣ ଜେନା, ସୁରେନ୍ଦ୍ର ନାୟକ, ରବିନାରାୟଣ ବେହେରା, ବେଣୁଧର ସାହୁ, ଡ. ପ୍ରଶାନ୍ତ ଦାସ, ସୀତାରାମ ପ୍ରଧାନ, ନରନାରାୟଣ ପାଣିଗ୍ରାହୀ, ଡ. ତାରାକାନ୍ତ ନନ୍ଦ, କେଶବ ଚନ୍ଦ୍ର ମହାନ୍ତି, ଶେଖ୍ ଆଲ୍ଲାଉଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ହାତିଆଡିହା ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରରେ ରୂହ୍‌ଯାଜୀ ମହାରାଜଙ୍କର ୧୧୪ ତମ ଶୁଭ ଜନ୍ମଜୟନ୍ତୀ ପାଳନ



ରୂପସା , ୧୭/୧୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ସାଧନାପ ସିଦ୍ଧ-ସାଧିକ ମୁନି ଶିରୋମଣି, ମୁନିଶ୍ୱର ରୂହ୍‌ଯାଜୀ ମହାରାଜଙ୍କର ୧୧୪ ତମ ଶୁଭ ଜନ୍ମଜୟନ୍ତୀ, ଆଶ୍ରମର ବରିଷ୍ଠ ଯୋଗସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି ।ରୂହ୍‌ଯାବାବା, କଷ୍ଟ ପାଉଥିବା ହଜାର ହଜାର ରୋଗୀଙ୍କୁ ତାଙ୍କ ଅଭିମନ୍ତ୍ରୀତ ଜଳରେ ଏବଂ ଗୋଟିଏ ଚାପୁଡ଼ା ମାରି ସଙ୍ଗେସଙ୍ଗେ ଆରୋଗ୍ୟ କରିପାରୁଥିଲେ । ବାଲିଆପାଳ ଆଶ୍ରମରେ ସେ ସର୍ବାଧିକ ଗୋଟିଏ ଦିନରେ ୪୯୫ ଜଣଙ୍କୁ ମୁନି ସମାଜରେ ସଦସ୍ୟ କରିବାରେ ସକ୍ଷମ ହୋଇପାରିଥିଲେ । ବକ୍ତା ହିସାବରେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ରୂହ୍ୟାଜୀଙ୍କର ଜୀବନୀ ସହିତ ତାଙ୍କର ଆଶ୍ଚର୍ଯ୍ୟ ଚକିତ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଉପସ୍ଥିତଥିଲେ ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନିରାଜ୍ଞୀ ବିମଳା ଲେଙ୍କା, ସୁମତୀ ଦଳାଇ, ଯୋଗସାଧିକା ବାସନ୍ତୀ ମହାଲିକ, ଶକୁନ୍ତଳା ପରିଡା, ଅପୂର୍ବ ବେହେରା, ବାସନ୍ତୀ ଗିରି, ଉର୍ମିଳା ରାଉଳ, ରୁକ୍ମିଣୀ ପ୍ରଧାନ,ମିନତୀ ବର, ପଦ୍ମାବତୀ ସିଂ, ଯମୁନା ବର, ପ୍ରଭାସିନୀ ବର, ମିନତୀ ଜେନା, ଉର୍ମିଳା ପଣ୍ଡା, ମନୋରମା ମହାପାତ୍ର, ନିନ ସାହୁ, କୈକେଇ ଜେନା, ବାସନ୍ତୀ ସିଂ, କୁନୀ ମାଝି, ସୁଷମା ପରିଡା, ମୁନି ଶ୍ରୀନାଥ ବେହେରା, ଜଗଦୀଶ ପରିଡ଼ା, ଜନ୍ମେଞ୍ଜୟ ପରିଡା, ସତ୍ୟ ସେନାପତି ଏବଂ ମୁନି କୁମାର ତାପସ ପ୍ରମୁଖ । ଶେଷରେ ମୁନି ରଘୁନାଥ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗାନ୍ଧୀ ସ୍ମୃତି ସମାରୋହ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୭/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ଚାରି ବାଟିଆ ଠାରେ ଗାନ୍ଧୀ ସ୍ମୃତି ରକ୍ଷା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତି ସମାରୋହ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସମାଜସେବୀ ରଶ୍ମି ରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ । ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତିର ଜନକ ମହାତ୍ମା ଗାନ୍ଧୀ ଙ୍କ ସ୍ମୃତି ଓ ତାଙ୍କ ଦେଶ ସେବା କଥା ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ବୈଲୋଚନ ଜେନା, ନାରୀ ନେତ୍ରୀ ଓ ସାହିତ୍ୟିକା ବନଲତା ଜେନା , ସମାଜସେବୀ ଏସ ଏମ ଫାରୁକ୍, ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ବି ଜେ ପି ର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ,ସମାଜ ସେବୀ ବସନ୍ତ ଦାସ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ଦାସ, ଭଦ୍ରକ ଗାନ୍ଧୀ ବାଲାଶ୍ରମର ଅଶୋକ ଦାସ । ସମସ୍ତ ସମ୍ମାନିତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତେ ମହାତ୍ମା ଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁଙ୍କର ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ବିଭିନ୍ନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ସଧାରଣ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇ ଥିଲା । କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ମହାତ୍ମା ଗାନ୍ଧୀ ୧୯୨୭ ମସିହା ଡିସେମ୍ବର ୧୬,୧୭,୧୮ ତିନି ଦିନ ଏହି ସ୍ଥାନରେ ରହିଥିଲେ । ଜାତୀୟ କବି ବାଞ୍ଛାନିଧି ମହାନ୍ତି, ରକ୍ତତୀର୍ଥ ଇରମ ଓ ଚାରି ବାଟିଆ କୁ ଗାନ୍ଧିଜୀଙ୍କ ଆଗମନ ଏହି ସବୁ ଘଟଣା ପାଇଁ ଏହି ଅଞ୍ଚଳ ତୀର୍ଥକ୍ଷେତ୍ର ପାଲଟି ଯାଇଛି । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ଏହି ଉତ୍ସବରେ ରାଜଘର ପୋଖରୀ ସରପଞ୍ଚ ଅରୁଣ ମହାନ୍ତି ପପୁ, ଶିକ୍ଷାବିତ୍ ଜୟନ୍ତ ମହାନ୍ତି, ଡାକ୍ତର ଓ କବି ଅନିଲ ଦାସ,ମୋଗଲ ତାମସା କଳାକାର ଗୌରାଙ୍ଗ ଚରଣ ବାରିକ, ସମାଜ ସେବୀ କାହ୍ନୁ ଚରଣ ବେହେରା, କୃଷକ ସଂଘର ହରିହର ବେହେରା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ସମାଜ ସେବୀ ଗୌତମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ଜଳେଶ୍ୱର ଅଞ୍ଚଳରେ ନିଶାମୁକ୍ତ ପାଇଁ ସଂକଳ୍ପ




ଜଳେଶ୍ୱର , ୧୭/୧୨ (ନି.ପ୍ର): ଆମ୍ବେଦକର ସମତା ମଞ୍ଚ ଆହ୍ୱାନରେ ଜଳେଶ୍ୱର ଅଞ୍ଚଳରେ ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ ଗୋବରଘଟା ପଞ୍ଚାୟତରେ ସର୍ବପ୍ରଥମେ ଆରମ୍ଭ ହୋଇଛି । ଆମ୍ବେଦକର ସମତା ମଞ୍ଚର ଗୋବରଘଟା ପଞ୍ଚାୟତର ସହଯୋଗୀ ସଙ୍ଗଠନ 'ଭରଷା' ଓ 'ଆମ୍ବେଦକର ଟଟୋ ସଂଘ ' ଏବଂ 'ମୋନା ' ମିଳିତ ସହଯୋଗରେ ଆମର ସଂକଳ୍ପ ନିଶାମୁକ୍ତ ପଞ୍ଚାୟତ ଗଠନ ନିମନ୍ତେ ଏକ ବିଶାଳ ଶୋଭା ଯାତ୍ରା ଅନଷ୍ଠିତ ହୋଇଥିଲା । ଉକ୍ତ ରାଲୀରେ ସହ ସହ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇ ସମାଜକୁ ନିଶାମୁକ୍ତ ପାଇଁ ସ୍ଲୋଗାନ ଦେଇଥିଲେ । ଗୋବରଘଟା ପଞ୍ଚାୟତ ସାରା ଶୋଭାଯତ୍ରାଟି ପରିକ୍ରମା କରି ନିଶାମୁକ୍ତ ସମାଜ ଗଠନ ଲାଗି ସଚେତନର ବାର୍ତ୍ତା ଦେଇଥିଲେ । ଆମ୍ବେଦକର ସମତା ମଞ୍ଚର ସଭାପତି ଅଶୋକ କୁମାର ଜେନା ପ୍ରାରମ୍ଭିକ ସୂଚନାରେ କହିଥିଲେ ' ଭାରତ ସମ୍ବିଧାନର ଧାରା ୪୭ ରେ ପ୍ରତେକ ମଣିଷ ମର୍ଯ୍ୟାଦାପୂର୍ଣ୍ଣ ବଞ୍ଚିବାର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ନିଶାକୁ ସମ୍ପୂର୍ଣ ରୂପେ ହଟାଇବାକୁ କୁହାଯାଇଛି । ମାତ୍ର ଜଳେଶ୍ୱର ଅଞ୍ଚଳ ବେନିୟମ ନିୟମ ନିଶାଦ୍ରବ୍ୟ କାରବାର ପାଇଁ ସମଗ୍ର ରାଜ୍ୟରେ ମାଫିଆ ମାନଙ୍କ ପେଣ୍ଠସ୍ଥଳ ପାଲଟିଛି । ନିଶା ବେପାରୀ ମାନେ ଖୁଲମଖୁଲା ବେନିୟମ ନିଶା କାରବାର ଚଳାଇ ଛନ୍ତି ଏବଂ ପ୍ରଶାସନ ଏହାକୁ ନିଷିଦ୍ଧ କରିବାରେ ସଫଳ ହୋଇନାହାନ୍ତି । ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ଗୋବରଘଟାର ଭରଷା ସଂଗଠନର ସଭାପତି ଅଜୟ ପଳାଇ, ସମ୍ପାଦକ କପ୍ରା ମାରାଣ୍ଡି , ଆମ୍ବେଦକର ଟଟୋ ସଂଘର ସଭାପତି ସୁଧୀର ଓଝା, ସଦସ୍ୟ ମଙ୍ଗଳ ଟୁଡୁ , ରତନ ଟୁଡୁ , ମଙ୍ଗଳ ହାଁସଦା, ରେଣ୍ଟକ୍ଷ ହାଁସଦା, ବବିତା ପାତ୍ର, ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପଞ୍ଚାୟତର ସରପଞ୍ଚ ମିନତି କର ଓ ସମାଜସେବୀ ରବୀନ୍ଦ୍ର ବାରିକ ପଞ୍ଚାୟତକୁ ନିଶାମୁକ୍ତ ପାଇଁ ନିବେଦନ କରିଥିଲେ । ଆମ୍ବେଦକର ସମତା ମଞ୍ଚର ସମ୍ପାଦକ ନୀରୋଜ କୁମାର ବେହେରା ରାଲିକୁ ପରିଚାଳନା କରିଥିଲେ ।

## ଭୁବନେଶ୍ୱରରେ ହରିୟାଣା ...

ବିହାରରୁ ମିଳିଥିଲା । ଏହା ପରେ ହରିୟାଣା ପୁଲିସ୍‌ର ୪ ଜଣିଆ ଟିମ୍ ଓଡ଼ିଶା ଅଭିମୁଖେ ଆସିଥିଲା । ପୁଲିସ୍ ଟିମ୍ ଆଜି ମଧ୍ୟାହ୍ନରେ ଇନ୍‌ଫୋସିଟି ଥାନାରେ ପହଞ୍ଚି ଥିଲେ । ଇନ୍‌ଫୋସିଟି ଥାନା ପୁଲିସ୍ ସହାୟତାରେ ହରିୟାଣା ପୁଲିସ୍ ପ୍ରଶାନ୍ତି ବିହାରକୁ ଯାଇଥିଲେ । ଘରକୁ ଘର ବୁଲି ଲୋକଙ୍କୁ ପଚାରିଥିଲେ । ଏପରିକି ମୋବାଇଲ ଲୋକେସନ୍ ମିଳିଥିବା ଘରେ ସର୍ଚ୍ଚ କରିଥିଲେ । ହେଲେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନି ପୁଲିସ୍ । ଅପରାହ୍ନ ୧ଟାରୁ ୫ ପର୍ଯ୍ୟନ୍ତ ପ୍ରଶାନ୍ତି ବିହାରରେ ଘୁରିକୁ ଘର ବୁଲି ପଚାରିଥିଲେ ହରିୟାଣା ପୁଲିସ୍ । ଚଢ଼ଉ ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଥିବା ଅଭିଯୋଗ ହେଉଛି । ତେବେ ଏନେଇ ଇନ୍‌ଫୋସିଟି ଥାନା ପୁଲିସ ବା ହରିୟାଣା ପୁଲିସ୍‌ର ପ୍ରତିକ୍ରିୟା ମିଳିପାରିନାହିଁ ।

## ମହାନଦୀରେ ଭାସୁଛି ...

ପାଖାପାଖି ରହୁଥିଲେ । ସେ ୧୫ ତାରିଖରୁ ନିଖୋଜ ଥିଲେ । ଏନେଇ ପରିବାର ଲୋକେ ନନ୍ଦନକାନନ ଥାନାରେ ଏତଲା ଦେଇଥିଲେ । ଆଜି ସକାଳେ ବୈଷ୍ଣବଙ୍କ ମୃତଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏନେଇ ପୁଲିସକୁ ଜଣାଇଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି । ପୂର୍ବତନ ପ୍ରଫେସରଙ୍କ କିପରି ମୃତ୍ୟୁ ଘଟିଲା ଓ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର କାରଣ ଜଣାପଡ଼ି ନାହିଁ । ବୈଷ୍ଣବ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ି ନାହିଁ । ପୁଲିସ ପୂର୍ବତନ ପ୍ରଫେସରଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜେପିସିକୁ ଗଲା...

୨୬୯ ଓ ବିପକ୍ଷରେ ୧୯୮ ଭୋଟ୍ ପଡ଼ିଥିଲା । ବିଲ୍ ସମର୍ଥନରେ ଅଧିକ ଭୋଟ୍ ପଡ଼ିବାରୁ ଏକକ ନିର୍ବାଚନ ବିଲ୍ ଲୋକସଭାରେ ବିଧିବଦ୍ଧ ଭାବେ ଆଗତ ହେବା ସହିତ, ଏହାକୁ ଜେପିସିକୁ ପଠାଯାଇଛି । ଗୋଟିଏ ଦେଶ ଗୋଟିଏ ନିର୍ବାଚନ । ଅର୍ଥାତ୍ ଏକାଠି ହେବ ଲୋକସଭା ଓ ବିଧାନସଭା ନିର୍ବାଚନ । ଏହାର ୧୦୦ ଦିନ ଭିତରେ କରାଯିବ ପୌର ଓ ପଞ୍ଚାୟତ ନିର୍ବାଚନ । ବିଧେୟକ, ଆଇନରେ ପରିଣତ ହେଲେ ୨୦୩୪ ମସିହାଠାରୁ ଲାଗୁ ହେବ । ଲୋକସଭା କିମ୍ବା କୌଣସି ବିଧାନସଭା ଅଧାରୁ ଭାଙ୍ଗିଲେ କେବଳ ସେହି ବିଧାନସଭା କ୍ଷେତ୍ର ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନ ହେବ ଏବଂ ନିର୍ବାଚିତ ସରକାର ୫ ବର୍ଷରୁ ବାକି ଥିବା ଅବଧି ପାଇଁ କାର୍ଯ୍ୟ କରିବ । ତେବେ ଅତ୍ୟାବଶ୍ୟକ କାରଣ ପାଇଁ କୌଣସି ବିଧାନସଭା ନିର୍ବାଚନ ଘୁଞ୍ଚାଇବାକୁ ପଡେ, ସେହି ଅଧିକାର ନିର୍ବାଚନ କମିଶନ ପାଖରେ ରହିବ । ୨୦୨୪ ଲୋକସଭା ନିର୍ବାଚନରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପ୍ରସଙ୍ଗକୁ ବିଜେପି ସଂକଳ୍ପ ପତ୍ରରେ ସାମିଲ କରିଥିବା ବେଳେ, କିଛି ଦିନ ତଳେ ଏହାକୁ ଅନୁମୋଦନ ଦେଇଥିଲା କେନ୍ଦ୍ର କ୍ୟାବିନେଟ୍ ।

## ଆଇଏଏସ୍ ସ୍ତରରେ...

ସାହିତ୍ୟ ଓ ସଂସ୍କୃତି ବିଭାଗର ଦାୟିତ୍ୱ ମିଳିଛି । ଉଭୟ ସଞ୍ଜୀବ ମିଶ୍ର ଓ ମନୋଜ ସାହୁ କେନ୍ଦ୍ରୀୟ ଡେପୁଟେସନରେ ଫେରିଛନ୍ତି । ସେପଟେ ସିବିଆଇ ସମନ ପରେ ପଦରୁ ହଟିଲେ ଆଇଏଏସ୍ ବିଷ୍ଣୁପଦ ସେଠୀ । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗରେ ଓଏସଡି ଭାବେ ନିଯୁକ୍ତ ହେଲେ ବିଷ୍ଣୁପଦ । ରାଜ୍ୟ ସରକାରଙ୍କ ୩ଟି ପ୍ରମୁଖ ବିଭାଗର ସଚିବ ଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ଥିଲେ ।

## ୩ ବିଭାଗର ସଚିବ ...

ପଠାଇ ଦିଆଯାଇଛି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ଅନୁସୂଚିତ ଜାତି,ଜନଜାତି ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଆ ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ପଦରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜିବ କୁମାର ମିଶ୍ରଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଶ୍ରୀ ମିଶ୍ରଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତି କରାଯାଇଥିବାବେଳେ ସେ ଅତିରିକ୍ତ ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ଶ୍ରୀ ମିଶ୍ର ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ । ସେହିପରି ଆନ୍ତଃକ୍ୟାଡ଼ର ଡେପୁଟେସନରେ ଆସିଥିବା ୨୦୦୬ ବ୍ୟାଚ୍ ଆଇଏଏସ୍ ମନୋଜ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଶ୍ରୀ ସାହୁଙ୍କୁ ରାଜ୍ୟ ସରକାରଙ୍କ ଅନୁରୋଧରେ କେନ୍ଦ୍ର ସରକାର ଓଡ଼ିଶା ପଠାଇଛନ୍ତି । ଉଲ୍ଲେଖଯୋଗ୍ୟ, ଲାଂଚ କାରବାର ଓ ଟେଣ୍ଡର ଫିକ୍ସିଂ ମାମଲାରେ ସିବିଆଇ ଗତ ୧୦ତାରିଖରୁ ବିଷ୍ଣୁପଦ ସେଠୀଙ୍କୁ ହାଜର ପାଇଁ ନୋଟିସ୍ ଦେଇଥିଲେ ମଧ୍ୟ ସେ ତାହାକୁ ଏଡ଼ାଇ ଚାଲିଛନ୍ତି । ସିବିଆଇ ସହ ବିଷ୍ଣୁପଦ ଲୁଚକାଳି ଖେଳୁଥିବାବେଳେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଗଣମାଧ୍ୟମରେ ଚର୍ଚ୍ଚା ପରେ ସରକାର ବିଷ୍ଣୁପଦଙ୍କ ଉପରେ ଆକ୍ସନ ନେଇଛନ୍ତି । ତାଙ୍କୁ ଆଜି ସବୁ ବିଭାଗର ହଟାଇ ସାଧାରଣ ପ୍ରଶାସନ ବିଭାଗର ଓଏସଡି ଭାବେ ଅବସ୍ଥାପିତ କରିଛନ୍ତି । ବିଷ୍ଣୁପଦଙ୍କୁ ମଧ୍ୟ ପୂର୍ବରୁ ଏଭଳି ପନିସମେଂଟ ଭୋଗିବାକୁ ପଡ଼ିଥିଲା । ୨୦୨୩ ମସିହାରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଥିବାବେଳେ ବିଷ୍ଣୁପଦଙ୍କ ବିରୁଦ୍ଧରେ ଏଭଳି ଦୁର୍ନୀତି ଅଭିଯୋଗ ଆସିବା ପରେ ତତକାଳୀନ ସରକାର ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସଡି ଭାବେ ପନିସମେଂଟରେ ପଠାଇ ଦେଇଥିଲେ । ୨୦୨୩ ଜୁନ୍ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ସେ ସାଧାରଣ ପ୍ରଶାସନ ବିଭାଗର ଓଏସଡି ଭାବେ ବିନା କାମରେ ଦରମା ନେଉଥିଲେ ।

## ଏଗ୍ରିମେଣ୍ଟ କରୁନଥିବା ...

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହା ପରେ ଶ୍ରୀ ପୂଜାରୀ ମାଆ ଭଣ୍ଡାରଘରଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ସ୍ଥାନୀୟ ମିଶନ ଶକ୍ତିହଲଠାରେ ରାଜସ୍ୱ ବିଭାଗର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାପଡ଼ିଛି ।

## ଅବସରପ୍ରାପ୍ତ ପ୍ରଧାନ ...

କୌଣସି ଉପାୟ ନପାଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଯୋଜନା ପ୍ରକାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଣଙ୍କ ଆଜି ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀଙ୍କୁ ଲାଞ୍ଚ ବାବଦକୁ ୧୦ ହଜାର ଟଙ୍କା ଦେଇଥିଲେ । ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା । ଲାଞ୍ଚ ନେଇ ଧରାପଡ଼ିବା ପରେ ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଏହି ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ।

## ମନ୍ତ୍ରୀ ପଦ ନ...

ବସ କହିଲେ ବସିବ । ମୁଁ ସମସ୍ତ କର୍ମୀଙ୍କ ସହ କଥା ହେବି ଓ ପରବର୍ତ୍ତୀ ପଦକ୍ଷେପ ନେବି । ଗଣତନ୍ତ୍ରରେ ସମସ୍ତଙ୍କର ନିଜର ମତ ରଖିବାର ଅଧିକାର ରହିଛି । ମୋତେ କିଏ ମନ୍ତ୍ରୀ ପଦ ଦେବାକୁ ମନା କଲା, ସେକଥା ଜାଣିବାକୁ ଚାହୁଁଛି । ପ୍ରତିଟି ଦଳର ମୁଖିଆ ମନ୍ତ୍ରୀ ପଦ କାହାକୁ ମିଳିବ ତା'ର ନିଷ୍ପତ୍ତି ନେଇଛନ୍ତି । ଦେବେନ୍ଦ୍ର ଫଡନାଭିସ ବିଜେପିର ନିଷ୍ପତ୍ତି ନେଇଥିବା ବେଳେ ଏକନାଥ ସିନ୍ଦେ ଶିବସେନାର ନିଷ୍ପତ୍ତି ନେଇଛନ୍ତି । ସେହିପରି ଆଗ ଗ୍ରୁପର ନିଷ୍ପତ୍ତି ଅଜିତ ପାୱାର ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଫଡନାଭିସ ମୁଁ କ୍ୟାବିନେଟରେ ରୁହେ ବୋଲି ଚାହୁଁଥିଲେ । ମୁଁ ମଧ୍ୟ ନିଜ ତରଫରୁ ଏହାକୁ ନିଶ୍ଚିତ କରିଥିଲି । ଲୋକସଭାରେ ମୁଁ ମୋ ନାଁ ଘୋଷଣା କରି ନଥିଲି । ଏହାପରେ ମୋ ପାଖକୁ ରାଜ୍ୟସଭା ସିଟର ପ୍ରସ୍ତାବ ଆସିଥିଲା । ଏହାକୁ ମଧ୍ୟ ମୁଁ ଗ୍ରହଣ କରିଥିଲି । କିନ୍ତୁ ମୋତେ ଟିକେଟ ଦିଆଯାଇ ନଥିଲା । ଦଳର ବିଧାୟକ ମକରନ୍ଦ ପାଟିଲଙ୍କ ଭାଇ ନୀତୀନ ପାଟିଲଙ୍କୁ ପ୍ରାର୍ଥୀ କରାଯାଇଥିଲା । ମୁଁ ଏଠାରେ ୪୦ ବର୍ଷ ହେଲା ରହିଛି । ସେତେବେଳେ ରାଜ୍ୟରେ ମୋର ଆବଶ୍ୟକ ରହିଥିବା ଦଳ କହିଥିଲା । ମୋତେ ରାଜ୍ୟ ବିଧାନସଭା ନିର୍ବାଚନ ଲଢ଼ିବାକୁ କୁହାଯାଇଥିଲା ଓ ମୁଁ ଲଢ଼ିଥିଲି । ମୁଁ ବିଜୟୀ ବି ହୋଇଛି । ଏବେ ଦଳ ପକ୍ଷରୁ ମୋତେ ରାଜ୍ୟସଭା ସିଟ ଅଫର କରାଯାଉଛି । ମକରନ୍ଦ ପାଟିଲ କ୍ୟାବିନେଟରେ ସାମିଲ ହୋଇଥିବାରୁ ତାଙ୍କ ଭାଇ ନୀତୀନ ପାଟିଲଙ୍କୁ ରାଜ୍ୟସଭାରୁ ଇସ୍ତଫା ଦେବାକୁ କୁହାଯିବ । ହେଲେ ମୁଁ ବିଧାୟକ ପଦରୁ ଇସ୍ତଫା ଦେଲେ ଏହା ୟେଭାଲାବାସୀଙ୍କ ପାଇଁ ଧୋକା ସଦୃଶ ହେବ । ମୁଁ ବିଧାନସଭା ନିର୍ବାଚନ ଲଢ଼ିଥିଲି ଓ ଜିତିଛି । ମୋ କର୍ମୀମାନେ ବିଜୟ ପାଇଁ ସେମାନଙ୍କ ଜୀବନକୁ ବାଜିରେ ଲଗାଇ ଦେଇଥିଲେ । ମୁଁ ଇସ୍ତଫା ଦେଇ ସେମାନଙ୍କୁ କ'ଣ କହିବି ? ତେଣୁ ଏବେ ମୁଁ ବିଧାୟକ ପଦରୁ ଇସ୍ତଫା ଦେବି ନାହିଁ । ଯଦି ମୁଁ ରାଜ୍ୟସଭା ଯିବାକୁ ଚାହିଁବି, ତା'ହେଲେ ମୁଁ ବିଧାନସଭାରୁ ଇସ୍ତଫା ଦେବି । ମୁଁ ଏହି ପଦ ୨ ବର୍ଷ ପରେ ଛାଡ଼ିବି ବୋଲି ସେମାନଙ୍କୁ କହି ସାରିଛି । ଏହି ସମୟସୀମା ମଧ୍ୟରେ ନିର୍ବାଚନ ମଣ୍ଡଳୀରେ ଥିବା ସବୁ ସମସ୍ୟାର ସମାଧାନ କରିବି । ଏହାପରେ ସେମାନେ ଆଲୋଚନା ପାଇଁ କହିଥିଲେ । କିନ୍ତୁ ସେମାନେ ମୋ ସହ କୌଣସି ପ୍ରକାରର ଆଲୋଚନା କରି ନାହାନ୍ତି । ସମସ୍ତେ ମନ୍ତ୍ରୀ ପଦ ଚାହାନ୍ତି । ଏଠାରେ ପ୍ରସଙ୍ଗ ମନ୍ତ୍ରୀ ପଦର ନୁହେଁ । କିନ୍ତୁ ମୋତେ ଯେଉଁ ଭଳି ଭାବେ ଅଣଦେଖା କରାଯାଇଛି, ତାହା ହିଁ ମୁଖ୍ୟ ପ୍ରସଙ୍ଗ ।"

## କ୍ରେମଲିନର ରାସାୟନିକ...

କିରିଲେଲାଭ ଏବଂ ତାଙ୍କ ଡେପୁଟିଙ୍କୁ ହତ୍ୟା କରାଯାଇଛି । ଅନ୍ତଃରାଷ୍ଟ୍ରୀୟ ଗଣମାଧ୍ୟମ ଅନୁସାରେ ବିସ୍ଫୋରଣେର ୩୦୦ଗ୍ରାମର ଟିଏନଟି ବ୍ୟବହାର କରାଯାଇଥିଲା । ସୋସିଆଲ ମିଡିଆରେ ଭାଇରାଲ ହେଉଛି ବିସ୍ଫୋରଣ ହୋଇଥିବା ସ୍ଥାନର ଭିଜୁଆଲ । ପୋଲିସ ଉକ୍ତ ଅଂଚଳକୁ ଘେରାବନ୍ଦୀ କରି ରଖି ଚେକିଂକୁ କଡ଼ାକଡ଼ି କରାଯାଇଛି । ଇଗୋର କିରିଲୋଭଙ୍କ ମୃତ୍ୟୁରେ ରୁଷରେ ଭୟର ଆତଙ୍କ ଖେଳିଯାଇଛି । ଯଦି ଏତେ ବଡ଼ ଅଧିକାରୀଙ୍କ ମୃତ୍ୟୁ ଏଭଳି ଭାବରେ ହୋଇପାରୁଛି, ତେବେ ପୁଟିନଙ୍କ ସହେଯାଗୀଙ୍କ ପାଖକୁ ପଂହଚିବାକୁ ୟୁକ୍ରେନକୁ ବେଶୀ ସମୟ ଲାଗିବନି । ରୁଷ-ୟୁକ୍ରେନ ଯୁଦ୍ଧ ଭିତେର ରୁଷ ଜେନେରାଲଙ୍କ ହତ୍ୟା ହୋଇଛି । ଯାହା ପୁଟିନ୍ ପାଇଁ ଗୋଟେ ବଡ଼ ଝଟକା ବୋଲି କୁହାଯାଉଛି ।

## ରତ୍ନଭଣ୍ଡାର ମରାମତି...

ମଣ୍ଡପ ଉଠିବା ପରେ ଦୈନିକ ୫ରୁ ୬ ଘଣ୍ଟା ଯାଏଁ ମରାମିତି କାର୍ଯ୍ୟ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛି ଏଏସଆଇ । ଇଝଓ ଅଧୀକ୍ଷକ ଡି.ବି ଗଡ଼ନାୟକ କହିଛନ୍ତି, ଭାରା ବନ୍ଧାଯିବା ପରେ ପ୍ଲାଷ୍ଟର ସଫା କରାଯିବ । ତା'ପରେ ଯେଉଁଠି ନୂଆ ପଥର ଲାଗିବ, ସେ କାର୍ଯ୍ୟ ଆରମ୍ଭ ହେବ । କାନ୍ଥରେ ଭର୍ଟିକାଲ ବା ଭୂ-ଲମ୍ବ ଫାଟ ଥିବା ପୂର୍ବରୁ ଜଣା ପଡ଼ିସାରିଛି । ତା'ର ମରାମତି ସହ ଚଟାଣରେ ଗ୍ରାନାଇଟ୍ ଲଗାଯିବ । କାନ୍ଥରେ ଫାଟ ଓ ଚଟାଣର ଦୀର୍ଘସ୍ଥାୟୀ ମରାମତିକୁ ଏଏସଆଇ ଗୁରୁତ୍ୱ ଦେଉଛି । ଅନ୍ୟପକ୍ଷରେ ୩ ମାସ ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମରାମତି ବେଳେ ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ଦ୍ୱନ୍ଦ୍ୱରେ ଥିବାବେଳେ ଏହି ସମୟରେ ବାହାର କାଠ ପାଖରୁ ଦର୍ଶନ ଚାଲିବ ବୋଲି ନୀତି ପ୍ରଶାସକ ସ୍ପଷ୍ଟ କରିଛନ୍ତି । ତେବେ ଆସନ୍ତାକାଲି ଦିବାପହୁଡ଼ ନୀତି ପାଇଁ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ । ସେପ୍ଟେମ୍ବର ୨୧ ଓ ୨୨ରେ ଘଏଜଓ ଓ ଇଝଓ ପକ୍ଷରୁ ହୋଇଥିବା ଜିପିଆର୍ ସର୍ଭେ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଏସଓପି ଆଧାରରେ ଚାଲିବ ରତ୍ନଭଣ୍ଡାର ମରାମତି । ତେବେ ପୂର୍ବରୁ ଜୁଲାଇ ୧୪ ଓ ୧୮ରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ଅଳଙ୍କାର ସ୍ଥାନାନ୍ତରଣ ସହ ଅଗଷ୍ଟ ୨୩ରେ ସିନ୍ଦୁକ ସ୍ଥାନାନ୍ତରଣ ସମୟରେ ରତ୍ନଭଣ୍ଡାର ଭିତରକୁ ଯାଇ ସ୍ଥିତି ଦେଖିଥିବା ତଦାରଖ କମିଟିର ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି- ଭଣ୍ଡାର ଘରର ସ୍ଥିତି ଭଲନହିଁ । କାନ୍ଥରେ ଫାଟ ସାଙ୍ଗକୁ ସନ୍ତସନ୍ତିଆ ଅଛି । ପଥର ଖସି ଚଟଣାରେ ପଡ଼ିଥିବା ଦେଖିଥିଲୁ । ତେଣୁ ଦୀର୍ଘସ୍ଥାୟୀ ମରାମତି କରାଯାଉ ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ଜନ୍ମ ଜୟନ୍ତୀ ପାଳନ

ବେତନଟୀ, ୧୭/୧୨ (ନି.ପ୍ର): ସ୍ଥାନୀୟ ରାଗଧା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନ ହେବା ସଙ୍ଗେ ସଙ୍ଗେ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ୧୫୪ ତମ ଜନ୍ମ ଜୟନ୍ତୀ ପାଳନ ହୋଇ ଯାଇଛି ।ଏହି ଅବସରରେ ଅଧକ୍ଷ ଅନନ୍ତ ନାରୟଣ ମିଶ୍ରଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରା ଯାଇଥିଲା ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର କୁମାର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ ବିଜେପି ର ରାଜ୍ୟ ପ୍ରବକ୍ତା ତଥା ବିଶିଷ୍ଟ ସାହତ୍ୟିକ ଓ ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ,ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ +୩ ର ପ୍ରତିଷ୍ଠାତା ସମ୍ପାଦକ ଆକୁଳ ଚନ୍ଦ୍ର ମହାନ୍ତ ଓ ବୁଢିଖମାରି ଷ୍ଟେଟ ବ୍ୟାଙ୍କ ର ମ୍ୟାନେଜର ମାନସ ରଞ୍ଜନ ନାୟକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡକ୍ଟର ହାଡିବନ୍ଧୁ ବେହେରା,ବେଦପାଠ କକରିଥିଲେ ଅଧ୍ୟାପକ ନବ କିଶୋର ବେହେରା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଧ୍ୟାପକ ଦୀପ୍ତି ପ୍ରକାଶ ମହାନ୍ତ। ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟାପକ ଶତ୍ରୁଘ୍ନ ମହାନ୍ତ ଅଧ୍ୟାପିକା ତନୁଶ୍ରୀ ସେନାପତି, ଲିଲିରାନୀ ନାୟକ, ଶିପ୍ରା ମଢୁଆଳ ଓ ରେଣୁବାଳା ମହାନ୍ତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଛାତ୍ରୀ ତ୍ରିଶା ପ୍ରିୟଦର୍ଶିନୀ, ରଶ୍ମିରେଖା, ବିଦ୍ୟାବିନିତା, ସମୀରା, ଭୂମିକା ଓ ସସ୍ମିତା କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ୭୨ ଜଣ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରା ଯାଇଥିଲା । କାର୍ଯ୍ୟ କ୍ରମକୁ ସଫଳତାର ସହ ଆୟୋଜନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ ମନୋରଞ୍ଜନ ନନ୍ଦୀ,ଗୌର ମୋହନ ମହାନ୍ତ ,କୈଳାସ ମହାନ୍ତ,ଗୋରଚାନ୍ଦ୍ ମହାନ୍ତ, ବିକ୍ରମାଦିତ୍ୟ ଦାସ,ମହେଶ୍ୱର ମହାନ୍ତ ଓ ସପନ ନାଥ।

## ନୀଳଗିରି କଲେଜର ପୂର୍ବତନ ଅର୍ଥଶାସ୍ତ୍ର ଅଧ୍ୟାପକ ଭାସ୍କର ସାର୍‌ଙ୍କ ଦେହାନ୍ତ



ନୀଳଗିରି, ୧୬/୧୨ (ନି.ପ୍ର): ନୀଳଗିରି ମହାବିଦ୍ୟାଳୟର ପୂର୍ବତନ ଅର୍ଥଶାସ୍ତ୍ର ଅଧ୍ୟାପକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ନାୟକଙ୍କ ଅକାଳ ବିୟୋଗ ହୋଇଯାଇଛି । ନୀଳଗିରି ମହାବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଅର୍ଥଶାସ୍ତ୍ର ବିଭାଗରେ ଅଧ୍ୟାପନା କରିଥିବା ବେଳେ ବିଭାଗୀୟ ମୁଖ୍ୟଭାବରେ ମଧ ଦାୟିତ୍ୱଗ୍ରହଣ କରି ଛାତ୍ରଛାତ୍ରୀଙ୍କ ପ୍ରିୟ ହୋଇପାରିଥିଲେ। ଶେଷରେ ଅବସରଗ୍ରହଣ ପରେ ନୀଳଗିରି ଠାରେ ଘରକରି ସ୍ଥାୟୀବାସିନ୍ଦା ଭାବରେ ରହିଥିଲେ।ଶ୍ରୀଯୁକ୍ତ ନାୟକ ବହୁଦିନଧରି ଯକୃତ କର୍କଟରୋଗରେ ପୀଡ଼ିତ ଥିଲେ ।ମଙ୍ଗଳବାର ଅପରାହ୍ନରେ ନୀଳଗିରି ବସଷ୍ଟାଣ୍ଡ ନିକଟସ୍ଥ ନିଜ ବାସଭବନରେ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିବା ଜଣାଯାଇଛି । ଖବରପାଇ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ନୀଳଗିରି ଏନଏସି ଅଧକ୍ଷ ମହେନ୍ଦ୍ରନାଥ ବେହେରା, ନୀଳଗିରି କଲେଜର ଅଧକ୍ଷାଙ୍କ ସମେତ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ମରଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ । ସନ୍ଧ୍ୟାରେ ମୃତଦେହକୁ ଜନ୍ମମାଟି ଔପଦା ବ୍ଲକ ବାରହାକୋଇଲିକୁ ନିଆଯାଇଥିଲା । ସେଠାରେ ବହୁସଂଖ୍ୟାରେ ଲୋକ ଶେଷଦର୍ଶନ କଲାପରେ ପ୍ରିୟପରିଜନ, ବନ୍ଧୁ , ବାନ୍ଧବ ମାନେ ଶବାଧାରରେ ଯାଇ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ ।ସେ ଜାଣେ ଅମାୟିକ ,ଜ୍ଞାନୀ, ଗୁଣି , ମେଳାପି, ମିଷ୍ଟଭାଷୀ ସ୍ୱଭାବର ହୋଇଥିବାରୁ ତାଙ୍କର ଏଭଳି ଅକାଳ ବିୟୋଗରେ ସମଗ୍ର ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପର୍ଯ୍ୟଟନ ଋତୁ ପାଇଁ ସଜେଇ ହେଲାଣି କାଳ ଓ ସୋନ ବନ୍ଧ ଏବଂ ମାଛକାନ୍ଦଣା ଜଳପ୍ରପାତ



କପ୍ତିପଦା, ୧୬/୧୨ (ନି.ପ୍ର): ଚଳିତବର୍ଷ ପର୍ଯ୍ୟଟନ ଋତୁ ପାଇଁ କପ୍ତିପଦା ବ୍ଲକ ଅଞ୍ଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ର ସମୀବୃକ୍ଷ, ପ୍ରସିଦ୍ଧ ମଧ୍ୟମ ଜଳସେଚନ ପ୍ରକଳ୍ପ କାଳ ଓ ସୋନ ବନ୍ଧ ଏବଂ ମାଛକାନ୍ଦଣା ଜଳପ୍ରପାତ ଏବେ ଠାର ସଜେଇହେଲେଣି । ମନଲୋଭା ପ୍ରାକୃତିକ ଦୃଶ୍ୟରାଜି, କଳା ମଚ୍‌ମଚ୍ ଜଳରାଶି,ମାଛରଙ୍କା ଚଢେଇଙ୍କ ଭିଡ, ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବିଚରଣ ସହିତ କାଳଡ୍ୟାମର ଅପରପାର୍ଶ୍ୱରେ ପୁରାଣ ପସିଦ୍ଧ ଶମୀବୃକ୍ଷର ଛାଇଦୃଶ୍ୟ ଭଳି ଅନେକ ପ୍ରାଣସ୍ପର୍ଶୀ ଦୃଶ୍ୟ ପର୍ଯ୍ୟଟକମାନଙ୍କ ହୃଦୟକୁ ଛୁଇଁ ଯିବ। ନୂଆବର୍ଷ ପାଳନ ଅବସରରେ ଆଜି ସ୍ଥାନୀୟ କପ୍ତିପଦା ବ୍ଲକରେ ଥିବା ପ୍ରସିଦ୍ଧ ମଧ୍ୟମ ଜଳସେଚନ ପ୍ରକଳ୍ପ କାଳଡ୍ୟାମ ଠାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ନବବର୍ଷର ପହିଲି ଦିବସକୁ କାଳଡ୍ୟାମର ପରିବେଶରେ ମନଭରି ଉପଭୋଗ କରିଥିଲେ । ଏଥିସହିତ ଏହସବୁ ସ୍ଥାନରେ ବଣଭୋଜିର ନିଆରା ମଜା ପର୍ଯ୍ୟଟକାମାନେ ଉଠାଇପାରିବେ । କାଳଡ୍ୟାମରେ ଥିବା ୪ଟି ବୋଟରେ ପର୍ଯ୍ୟଟକମାନେ ଗଭୀର ଜଳରାଶି ଭିତରକୁ ଯାଇ ବୋଟିଂର ମଜା ନେଇପାରିବେ। ସେହିପରି ମାଛକାନ୍ଦଣା ଜଳପ୍ରପାତର ପ୍ରାକୃତିକ ଶୋଭାରାଜି ବେଶ୍ ମୁଗଧକର ।ସେଠାକାର ସୁ-ଉଚ୍ଚ ଜଳପ୍ରପାତ ପର୍ଯ୍ୟଟନ ଆଗମନ ପାଇଁ ବେଶ୍ ସଜେଇ ହୋଇଥବାର ଲାଗେ। କାଳବନ୍ଧ ପରି ସୋନବନ୍ଧରେ ମଧ ପର୍ଯଟକଙ୍କ ଭ୍ରମଣ ଓ ବଣଭୋଜି ପାଇଁ ସର୍ବୋତ୍ତମ କ୍ଷେତ୍ରର ମାନ୍ୟତା ପାଇଛି । ଅନ୍ୟ ଏକ ପର୍ଯଟନ କ୍ଷେତ୍ର ହେଉଛି ପୌରାଣିକ ଗାଥା ସମ୍ବଳିତ ଶମୀବୃକ୍ଷ ପାହାଡ । ମହାଭାରତ ଯୁଗ କାଳରେ ଏଠାରେ ପଞ୍ଚୁପାଣ୍ଡବମାନେ ନିଜନିଜର ଅସ୍ତ୍ରଶସ୍ତ୍ର ଲୁଚାଇଥିବାର ବିଶ୍ୱାସ ରହିଛି । ଏଠାରେ ମଧ ପର୍ଯ୍ୟଟକମାନେ ଭ୍ରମଣର ମଜା ନେଇପାରିବେ ।

## ସମୟ ଭିତରେ କାମ ନସରିଲେ ହେବ ଆକ୍ସନ: ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ସମୟସୀମା ଭିତରେ କାମ ନସାରିଲେ ଠିକାଦାରଙ୍କ ଉପରେ ହେବ ଆକ୍ସନ । ପ୍ରକଳ୍ପ ଗୁଡିକର ସମୀକ୍ଷା ପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । କ୍ୱାଲିଟିରେ ବି କମ୍ପ୍ରମାଇଜ ନ କରିବାକୁ ବି ନିର୍ଦ୍ଦେଶ ଦିଆଯାଇଛି । ସମୟ ସୀମା ସୁଦ୍ଧା କାମ ଶେଷ ନକଲେ ଦଣ୍ଡ ବିଧାନ ହେବ । ପେନାଲଟି ହେବା ସହ ଅନ୍ୟ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରିବେ ସରକାର । ପ୍ରକଳ୍ପ କାମ ପାଇଁ ବିଭାଗ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ । ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ହୋଇଥିଲା ବିସ୍ତୃତ ସମୀକ୍ଷା ବୈଠକ । ଯେଉଁଥିରେ ବିଭାଗୀୟ ଅଧିକାରୀଙ୍କ ସହ ସମସ୍ତ ଏଜେନସି ଏବଂ ଠିକାଦାର ମାନେ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ରୋଡ଼, ବ୍ରିଜ, ବିଲଡିଂ, ଏନଏଚ ପ୍ରକଳ୍ପ, ଓବିସିସି ପ୍ରକଳ୍ପ ନେଇ ମନ୍ତ୍ରୀ ନେଇଥିଲେ ବିସ୍ତୃତ ସମୀକ୍ଷା । ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ସମୀକ୍ଷା ହୋଇଥିଲା । ପ୍ରକଳ୍ପର ସ୍ଥିତି ନେଇ ଆଲୋଚନା ହେବା ସହ ପ୍ରକଳ୍ପ ଶେଷ ସମୟ ସୀମା ମଧ ଧାର୍ଯ୍ୟ କରାଯାଇଛି । ଯେଉଁ ପ୍ରକଳ୍ପରେ ସମସ୍ୟା ଅଛି ସେ ନେଇ ଚର୍ଚ୍ଚା ଆଲୋଚନା ହୋଇଛି । ପୂର୍ବରୁ ଲମ୍ବା ସମୟ ଧରି ପ୍ରକଳ୍ପ କାମ ଚାଲୁଥିଲା । ବିଭାଗକୁ ଶୃଙ୍ଖଳିତ କରିବା ସହ ଅନ ଦ ସ୍ପଟ କିଛି ନିଷ୍ପତ୍ତି ହୋଇଛି । ଲମ୍ବା ସମୟ ପାଇଁ ଭିତ୍ତିଭୂମି ଏବଂ ରୋଡ଼ ନେଟୱାର୍କକୁ ସୁଦୃଢ଼ କରିବାକୁ ବିସ୍ତୃତ ଆଲୋଚନା ହୋଇଛି ।

## ତେଲଟ୍ୟାଙ୍କର ଧକ୍କାରେ ଯୁବ ସାମ୍ବାଦିକ ମୃତ



ନୀଳଗିରି, ୧୬/୧୨ (ନି.ପ୍ର): ବାଇକକୁ ସାମ୍ନାପଟୁ ପିଟିଲା ତେଲଟ୍ୟାଙ୍କର। ଚାଲିଗଲା ଯୁବ ସାମ୍ବାଦିକଙ୍କ ଜୀବନ।ଶେରଗଡ ଝରଣାଘାଟୀ ୧୯ ନଂ ରାଜ୍ୟ ରାଜପଥର ଭାଲୁକାଶୁଣୀ ଛକରେ ଘଟିଛି ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଯୁବକ ଜଣକ ସୋର ବ୍ଲକ ଦହିସଡା ଗ୍ରାମର ଈଶ୍ୱରଚନ୍ଦ୍ର ବେହେରାଙ୍କ ପୁଅ ସଞ୍ଜୀବ ବେହେରା ବୋଲି ଜଣାପଡିଥିବା ବେଳେ ସଞ୍ଜୀବ କୌଣସି କାମରେ ସୋରରୁ ଉଦଳା ଅଭିମୁଖେ ଯାଉଥିବା ସମୟରେ ଭାଲୁକାଶୁଣୀ ଛକନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ତେଲ ବୋଝେଇ ଟ୍ରକଟି ତାଙ୍କୁ ମୁହାଁମୁହିଁ ଧକ୍କା ଦେଇ ଖସିଯାଇଥିଲା।ହେଲେ ସ୍ଥାନୀୟ ଲୋକଙ୍କ ଅବଗତି ପରେ ଖନ୍ତାପଡା ପୋଲିସ ଓ ଶେରଗଡ ଫାଣ୍ଡି ମିଳିତ ଭାବରେ ଗାଡିଟିକୁ ଶେରଗଡ ଛକରେ କାବୁ କରିଥିବା ବେଳେ ଡ୍ରାଇଭର ଜଣକ ଘଟଣା ସ୍ଥଳରୁ ଫେରାର ମାରିଛି।ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ୪୦୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।ପରେ ପରିବାର ଲୋକେ ଶବଟିକୁ ନେଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।ସଞ୍ଜୀବ ଟାଇମ୍ସ ଅଫ କଳିଙ୍ଗ ନାମକ ଏକ ସଂସ୍ଥାରେ ସାମ୍ବାଦିକତା କରୁଥିବାର ସୂଚନା ରହିଛି।

## ଟ୍ରଲି- ଅଟୋ ଧକ୍କା : ଗୋଟିଏ ପରିବାରର ୩ ମୃତ

ଭିଂଡ୍, ୧୭/୧୨ (ନି.ପ୍ର): ମଧ୍ୟପ୍ରଦେଶର ଭିଂଡ୍ ଜିଲ୍ଲାରେ ଗତକାଲି ମଧ ରାତ୍ରିରେ ଗ୍ୱାଲିୟର-ଇଟାବା ଜାତୀୟ ରାଜପଥର ଦେହାତ ଥାନା ଅନ୍ତର୍ଗତ ଦବୋହା ବୁଲାଣି ନିକଟରେ ଦୃତ ଗତିରେ ଆସୁଥିବା ଏକ ଚିପ୍ସ ବୋଝେଇ ଟ୍ରଲି ସାମ୍ନାରୁ ଆସୁଥିବା ଅଟୋକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ପତି-ପତ୍ନୀ ଏବଂ ତାଙ୍କର ୨ ବର୍ଷର ଶିଶୁ ସାମିଲ୍ ଅଛି । ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ମାମଲାର ତଦନ୍ତ ଆରମ୍ଭ କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାବଇ ଥାନା ଅନ୍ତର୍ଗତ ଗ୍ରାମ ଦିଖତନ ର ନିବାସୀ ଅନିଲ ବଘେଲ (୩୧) ଏବଂ ତାଙ୍କ ପତ୍ନୀ ଆରତୀ ବଘେଲ (୨୮) ଏବଂ ତାଙ୍କର ୨ ବର୍ଷର ପୁଅ ଗଣେଷ ଅସୁସ୍ଥ ହୋଇପଡିବାରୁ ତାକୁ ଡାକ୍ତର ଦେଖାଇବା ନିମନ୍ତେ ଜିଲ୍ଲା ହସ୍ପିଟାଲରେ ପହଂଚିଥିଲେ । ଏହି ଦମ୍ପତି ପୁଅର ଚିକିତ୍ସା କରାଇ ରାତି ପ୍ରାୟ ୧୧ଟା ସମୟରେ ଅଟୋରେ ଗାଁକୁ ଫେରୁଥିଲେ । ଏହି ସମୟରେ ଦବୋହା ବୁଲାଣି ନିକଟରେ ଦୃତ ଗତିରେ ଆସୁଥିବା ଟ୍ରଲି କ୍ରମାକ ଏଚଆର୩୮ଏସି ୦୭୮୭ ତାଙ୍କ ଅଟୋକୁ ସାମ୍ନାରୁ ଧକ୍କା ଦେଇଥିଲା ।

## ସାମ୍ବାଦିକ ନିଧିରାମ ମହାରଣାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




ପାରାଦ୍ୱୀପ, ୧୬/୧୨ (ନି.ପ୍ର): ପାରାଦ୍ୱୀପ ପ୍ରେସ ମିଡ଼ିଆ ଓ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ନିଧିରାମ ମହାରଣାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଡିସେମ୍ବର ୧୭ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଅଟଳ ବିହାରୀ ବାଜପେୟୀଟ୍ରଷ୍ଟ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଚିତ୍ତ ରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶୁକଦେବ ଜେନା, ରାମଚନ୍ଦ୍ର ସ୍ୱାଇଁ, ଧ୍ରୁବ ଚରଣ ମହାପାତ୍ର, ଧୃତିଧର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମହାରଣାଙ୍କ ସାମ୍ବାଦିକତା ଜୀବନର ସ୍ମୃତି ଚାରଣ କରିବା ସହିତ ତାଙ୍କ ନିର୍ଭୀକତା, ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବଟକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ସୁରେନ୍ଦ୍ର କୁମାର ବିଶ୍ୱାଳ, ଅଜିତ କୁମାର ଦାସ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ଓ ଏହି ଦୁଃଖଦ ଅବସ୍ଥାରେ ଜଗତର ନାଥ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହେବାକୁ ପ୍ରାର୍ଥନା କରିଥିଲେ।

## ଆପାର୍ଟମେଂଟ କିଣା ବିକା ନେଇ ଆସିବ ଏସଓପି

ଭୁବନେଶ୍ୱର, ୧୭/୧୨ (ନି.ପ୍ର):ପାର୍ଟ ପ୍ଲଟ ବିକ୍ରି ଓ ଆପାର୍ଟମେଂଟ କିଣା ବିକା ନେଇ ସରକାରଙ୍କ ବଡ଼ ନିଷ୍ପତି । ନୂଆ ବର୍ଷ ପୂର୍ବରୁ ବାଟ ଫିଟିବ ବୋଲି କହିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ଏ ନେଇ ବିଭାଗୀୟ ଅଧିକାରୀ ଓ ରାଜସ୍ୱ ବିଭାଗ ସହ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଆପାର୍ଟମେଂଟ କିଣା ବିକା ନେଇ ଆସିବ ଏସଓପି । ଟ୍ରିପୁଲ ସିଟିର ଜନ୍ମତିକରଣ ପାଇଁ ସରକାରଙ୍କ ଫୋକସ । ପୁରୀ ଭୁବନେଶ୍ୱର ଓ କଟକ ସହରର ବଢ଼ିବ ପରିଧି । ଏଥିପାଇଁ ରିଂ ରୋଡ଼ ତିଆରି ନେଇ ନିଷ୍ପତି ହୋଇସାରିଛି ।

## ମାନବ ବୃକ୍ଷରେ କବିତା ଅମୃତଫଳ ଯାହା ଭାଷା ଓ କବିଙ୍କୁ ଅମରତ୍ୱ ଦେଇଥାଏ



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ବିଶିଷ୍ଟ ପୁସ୍ତକ ପ୍ରକାଶନ ସଂସ୍ଥା କାବ୍ୟଲୋକ ତରଫରୁ ୬ଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ, ସାତକଡ଼ି ହୋତା ମୁଖ୍ୟ ମଞ୍ଚରେ କବିତାପାଠ, ନୂତନ ପୁସ୍ତକ ଲୋକାର୍ପଣ, କାବ୍ୟଚର୍ଚ୍ଚା ଓ ସୃଜନସ୍ୱପ୍ନ ସମ୍ମାନ ପ୍ରଦାନ କରାଯାଇଅଛି। ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡକ୍ଟର ହୃଷୀକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ କବୀ ଡକ୍ଟର ବିନୋଦିନୀ ପାତ୍ର, ପ୍ରାବନ୍ଧିକ ଦାଶରଥି ଶତପଥୀ, ଅଧ୍ୟାପିକା ଡକ୍ଟର ହେନେରିଟା ମିଶ୍ର ଓ ପ୍ରାକ୍ତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ରାମଚନ୍ଦ୍ର ରାଉତ ଉପସ୍ଥିତ ରହି, 'ମାନବ ବୃକ୍ଷରେ କବିତା ଯେ ଅମୃତଫଳ' ସଦୃଶ ଯାହା ଭାଷା ଓ କବିକୁ ଅମରତ୍ୱ ପ୍ରଦାନ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ମହାକବି କାଳିଦାସ, ଭବଭୂତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ରମାକାନ୍ତ ରଥଙ୍କ ଉଦାହରଣ ଦେଇ ସାଂପ୍ରତିକ କବିତା ସଂପର୍କରେ ଅତିଥିମାନେ ମତ ରଖିଥିଲେ। ଉକ୍ତ ସଭାରେ ଡାକ୍ତର କୃଷ୍ଣ ରଥ, ଜୟଶ୍ରୀ ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଭୁବନାନନ୍ଦ ପାଣିଗ୍ରାହୀ, ଅର୍ଜୁନ ଘଡ଼େଇ, ନଗେନ୍ଦ୍ରନାଥ ପଟ୍ଟନାୟକ, ପ୍ରଣତୀ ପଟ୍ଟନାୟକ, ମହେଶ୍ୱର ମହାନ୍ତ. ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି ଓ ସନ୍ତୋଷ କୁମାର ସାହୁଙ୍କର ପ୍ରାୟ ୧୫ଖଣ୍ଡ ନୂତନ ପୁସ୍ତକ ଲୋକାର୍ପିତ ହୋଇଥିଲାବେଳେ ସୃଜନ ସମ୍ମାନରେ ସମ୍ମାନିତ ହୋଇଥିଲେ ପ୍ରାବନ୍ଧିକ ଡକ୍ଟର ଭଗବାନ ପଟେଲ, ଡକ୍ଟର ହେନେରିଟା ମିଶ୍ର, ଗଳ୍ପରେ ସଂଯୁକ୍ତା ମହାନ୍ତି, ଡକ୍ଟର ପ୍ରିୟଲତା ଜେନା, ଶିଶିର ସୁବୁଦ୍ଧି, କବିତାରେ କବି ଦୀନବନ୍ଧୁ ପଣ୍ଡା, କବି ଚନ୍ଦନାବାଗ୍‌ଦେବୀ ରଥ, ଅନୁସୃଜନରେ ଜନ୍ମେଜୟ ବାବୁ, ଗୀତିକବିତାରେ ଇଂ. ପ୍ରଦୀପ ଷଡ଼ଙ୍ଗୀ ଓ ପୁରାଣ ଦର୍ଶନରେ ସନ୍ତୋଷ କୁମାର ସାହୁ। ସଭାର ପ୍ରଥମ ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବରେ ସଭାପତିତ୍ୱ କରିଥିଲେ କବୀ ଡକ୍ଟର ବିନୋଦିନୀ ପାତ୍ର, ଅତିଥିଭାବେ ଯୋଗ ଦେଇଥିଲେ ଗୀତିକବି ବିପିନ୍ ମହାନ୍ତି ଓ କବି ପ୍ରଭାକର ମହାପାତ୍ର। ଡକ୍ଟର ସନ୍ନ୍ୟାସୀ ନାୟକ ଓ ଅଧ୍ୟାପିକା ସୌଦାମିନୀ ବେହେରା ଓ ସରୋଜିନୀ ଜେନାଙ୍କ ସଂଯୋଜନାରେ ଶତାଧିକ କବିତା ପାଠ କରାଯାଇଥିଲା। କବି ଭିକାରୀ ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ସୃଜନସ୍ୱପ୍ନ ମୁଖ୍ୟସଂପାଦକ ଦେଶବନ୍ଧୁ ସ୍ୱାଇଁ। ଶେଷର ଧନ୍ୟବାଦ ଅର୍ପଣ କରିଥିଲେ ଆଡଭୋକେଟ ସ୍ୱାହା ଧଳ।

## ବେତନଟୀ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନ: ଦାନି -୧୧ ଓ ମା' ଦୁର୍ଗା ବିଜୟ




ବେତନଟୀ, ୧୭/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ଦାନି ୧୧ ଚିତ୍ରଡା ଓ ଆରିଅନ ଫାଇଟର ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ? ମା ଦୁର୍ଗା ଫାଇଟର ଓ ମାଣତ୍ରୀ ଟାଇଟନ୍ ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ଦାନି - ୧୧ ଚିତ୍ରଡା ୨୦ ଓଭରରେ ନଅ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୩ ରନ କରି ପରାଜୟ ବରଣ କରିଥିଲା। ଦାନି -୧୧ ର ମନୋଜ ସିଂ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ମା ଦୁର୍ଗା ଫାଇଟର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୮୩ ରନ ସଂଗ୍ରହ କରଥିଲା। ମାଣତ୍ରୀ ଟାଇଟନ୍ ମାତ୍ର ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ ରନ କରି ପରାଜୟ ବରଣ କରିଥିଲା। ଏଥିରେ ମା ଦୁର୍ଗା ଫାଇଟର ର ଖେଳାଳି ସାଗର ସାହୁ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚଙ୍କୁ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡ଼ା ଓ ରମଣୀ ରଞ୍ଜନ ଧର ମହାପାତ୍ର (ଟିପୁ ନନା) ପୁରସ୍କୃତ କରିଥିଲେ। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ପ୍ରଶାନ୍ତ ନାଥ, ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ରାମକୃଷ୍ଣ ବିଦ୍ୟାନିକେତନରେ ମାତୃ ସମ୍ମିଳନୀ




ବାସୁଦେବପୁର, ୧୭/୧୨ (ନି.ପ୍ର): ବାସୁଦେବପୁର ସହରରେ ଥିବା ଆଦର୍ଶ ଶିକ୍ଷା ଅନୁଷ୍ଠାନ ରାମକୃଷ୍ଣ ବିଦ୍ୟା ନିକେତନ ରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ ସଭାପତିତ୍ୱ କରିଥିଲେ। ଶହୀଦ ମେମୋରିଆଲ କଲେଜ ଇରମର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ରତ୍ନାକର ବାରିକ୍ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ଅଢୁଆଁ ର ସହକାରୀ ଶିକ୍ଷକ ବିଜୟ କୁମାର ବଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲେ । ବିଦ୍ୟା ନିକେତନ ର ଆଚାର୍ଯ୍ୟା ଶକ୍ତି ପ୍ରଭା ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରଶ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ମାଆ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ କୁଇଜ୍ ଓ ଚିତ୍ରାଙ୍କନ ପ୍ରତି ଯୋଗୀତା ଅନୁଷ୍ଠିତ ହୋଇ ଥିଲା ଏହି ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ମାଆ ମାନଙ୍କୁ ବିଦ୍ୟାଳୟ ର ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ । ସମସ୍ତ ମାଆ ମାନେ ପ୍ରଶିକ୍ଷଣ ଶିବିର ରେ ଖୁବ ଗୁରୁତ୍ୱ ପୂର୍ଣ୍ଣ କଥା ଶୁଣିଥିଲେ ଓ ବୁଝିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida